ସମ୍ପାଦକୀୟ
ପୃଷ୍ଠା–୪
ମାଡ଼ିଆସୁଛି ବଡ଼ ଆର୍ଥିକ ବିପତ୍ତି

ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com

୮ ପୃଷ୍ଠା



ଆବିର୍ଭାବ
୧୮୩୮ ଜୁଲାଇ ୧୩ ତାରିଖ
ତିରୋଧାନ
୧୯୧୭ ମାର୍ଚ୍ଚ ୭ ତାରିଖ


● ବର୍ଷ–୧୦ ● ସଂଖ୍ୟା–୩୮ ● ୨୫-୩୧ ମାର୍ଚ୍ଚ ୨୦୨୬ ● ଭୁବନେଶ୍ୱର ● Vol -10 ● Issue-38 ● 25-31th March 2026 ● Bhubaneswar ● ମୂଲ୍ୟ ଟ ୨.୦୦

# କରୋନା ଯିବା ପରେ ରାଜ୍ୟରେ ବଢିଚାଲିଛି ଯକ୍ଷ୍ମା

**ଭୁବନେଶ୍ୱର, ଦୀପିକା ବ୍ୟୁରୋ**

୨୦୨୫ରେ ଯକ୍ଷ୍ମା (ଟିବି) ମୁକ୍ତ ଓଡ଼ିଶା ଗଠନ ପାଇଁ ଅଣ୍ଟା ଭିଡ଼ିଥିଲେ ରାଜ୍ୟ ସରକାର। ଏହାପୂର୍ବରୁ ୨୦୨୪ରେ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ୧୦୦ଦିନିଆ ଅଭିଯାନ । ରାଜ୍ୟର କୋଣ ଅନୁକୋଣକୁ ଯାଇ ରୋଗୀ ଚିହ୍ନଟ କରିଥିଲେ ସ୍ୱାସ୍ଥ୍ୟକର୍ମୀ। ଗତବର୍ଷ ମାର୍ଚ୍ଚରେ ଏହି ଅଭିଯାନ ସରୁସରୁ ଚିହ୍ନଟ ହୋଇଥିଲେ ମୋଟ ୧୨ ହଜାର ୨୪୫ । ହେଲେ ଏହି ସଂଖ୍ୟା ଆହୁରି ବଢିଚାଲିଥିଲା । ୨୦୨୫ ଶେଷରେ ଅର୍ଥାତ ୨୦୨୫-୨୬ରେ ରାଜ୍ୟରେ ୬୦ହଜାର ୪୨୩ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇସାରିଛନ୍ତି । ତେଣୁ ଏଠି ପ୍ରଶ୍ନ ଉଠୁଛି, ରାଜ୍ୟକୁ ଯକ୍ଷ୍ମା ମୁକ୍ତ କିଭଳି କରାଯିବ ?

ରାଜ୍ୟରେ ମାଳ ମାଳ ଯକ୍ଷ୍ମୀ ରୋଗୀ ଚିହ୍ନଟ ହେଉଥିବା ବେଳେ ସରକାର ମଧ୍ୟ ଏହାକୁ ପ୍ରତିହତ କରିବାକୁ ଲାଗି ପଡ଼ିଛନ୍ତି । ସଚେତନତା ସହ ଅଧିକରୁ ଅଧିକ ଯାଞ୍ଚ ବି ଚାଲିଛି । ସରକାରୀ ସ୍ତରରେ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ସହ ରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ (କିଟ୍) କରାଯାଉଛି । ହେଲେ ରୋଗୀଙ୍କ ସଂଖ୍ୟା ହ୍ରାସ



ପାଉନଥିବାରୁ ଏବେ ଚିନ୍ତା ବଢିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ଅଧିକ ପ୍ରଦୂଷଣ ଅଞ୍ଚଳରେ ଯକ୍ଷ୍ମା ବଢୁଛି । ସେହିପରି ଅପପୁଷ୍ଟି ମଧ୍ୟ ଅନ୍ୟ ଏକ ପ୍ରମୁଖ କାରଣ । ତେଣୁ ନିକଟ ଭବିଷ୍ୟତରେ ଯକ୍ଷ୍ମା ମୁକ୍ତ ଓଡ଼ିଶା ଗଠନ ଅସମ୍ଭବ ଭଳି ଲାଗୁଛି । କରୋନା ଯିବା ପରେ ରାଜ୍ୟରେ ବଢିଚାଲିଛି ଯକ୍ଷ୍ମା ।

ସ୍ୱାସ୍ଥ୍ୟ ବିଭାଗର ତଥ୍ୟ କହୁଛି, ୨୦୨୦ରେ ରାଜ୍ୟରେ ୪୫ ହଜାର ୩୩୦ ରୋଗୀ ଚିହ୍ନଟ ହୋଇଥିଲେ । ୨୦୨୧ରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ଥିଲା ୫୨ ହଜାର ୨୨୫ । ୨୦୨୨ରେ ୬୦ ହଜାର ୧୮୫ ଓ ୨୦୨୩ରେ ୬୧ ହଜାର ୧୮୫, ୨୦୨୪ରେ ୬୦ହଜାର ୧୭୯ଜଣ ରୋଗୀ ଚିହ୍ନଟ ହୋଇଥିଲେ । ୨୦୨୫ରେ ମଧ ସେହି ୬୦ହଜାର ରୋଗୀ ଚିହ୍ନଟ ହୋଇସାରିଛନ୍ତି । ଏଥିମଧ୍ୟରୁ ୭୦ ପ୍ରତିଶତରୁ ଅଧିକ ରୋଗୀ ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼ ଓ ଅନୁଗୁଳ ଭଳି ଜିଲ୍ଲାରେ ରହିଛନ୍ତି । ଅପରପକ୍ଷେ, ରାଜଧାନୀ ଭୁବନେଶ୍ୱରରେ ମଧ ଯକ୍ଷ୍ମା ସ୍ଥିତି ସଙ୍ଗୀନ । ପ୍ରତିବର୍ଷ ରୋଗୀ ସଂଖ୍ୟା ୪ ହଜାରକୁ ଛୁଇଁଲାଣି । ନ୍ୟାସନାଲ୍ ଟ୍ୟୁବର୍କୁଲେସିସ୍ ଏଲିମିନେସନ ପ୍ରୋଗ୍ରାମର ତଥ୍ୟ ଅନୁସାରେ ୨୦୨୦ରେ ଭୁବନେଶ୍ୱରରେ ୨୩୫୭ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ। ୨୦୨୧ରେ ୨୯୨୬ ଜଣ, ୨୦୨୨ରେ ୩୯୦୪, ୨୦୨୩ରେ ୪୨୪୨ ଓ ୨୦୨୪ରେ ୪୩୬୬ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ। ଦିନକୁ କ୍ୟାପିଟାଲ ହସ୍ପିଟାଲକୁ ୨୦୦ରୁ ୩୦୦ ରୋଗୀ ଆସୁଛନ୍ତି । ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଡାକ୍ତର ।

କ୍ୟାପିଟାଲ ହସ୍ପିଟାଲର ଟିବି ବିଶେଷଜ୍ଞ ଡାକ୍ତର ସୁଦାମ ଚନ୍ଦ୍ର ସାହୁ କହିଛନ୍ତି, ଏ ଦିଗରେ ବ୍ୟାପକ ସଚେତନ ଦରକାର । ଡାକ୍ତରଙ୍କ ଠାରୁ ନେଇ ଆଶାକର୍ମୀମାନେ ନିଷ୍ଠାର ସହ କାମ କରିବାକୁ ହେବ । ପ୍ରଥମେ ଯକ୍ଷ୍ମାରୋଗ ଜଣାପଡ଼ି ନ ଥାଏ । ୩ ସପ୍ତାହରୁ ଅଧିକ ସମୟ ଧରି କଫ ଜମି ରହିଲେ ଅଧିକାଂଶ ସାଧାରଣ ଲୋକମାନେ ଏହାକୁ ଥଣ୍ଡା କାଶ ଭାବି ହେୟଜ୍ଞାନ କରନ୍ତି । ଡାକ୍ତରଖାନା ନଯାଇ ଔଷଧ ଖାଇ ଦେଇଥାନ୍ତି । ବସ୍ତି ଅଞ୍ଚଳରେ ଛୋଟ ଘରେ ଅଧିକ ଲୋକ ରହିବା ଓ ଖୋଲା ପବନ ମିଳୁ ନଥିବା କାରଣରୁ ଏହା ବ୍ୟାପିବା ସହଜ ହୋଇଥାଏ । ତେଣୁ ଲୋକେ ରୋଗ ବିଷୟରେ ଜାଣନ୍ତୁ । ଅଧିକ ପରିବା, ସୋୟାବିନ, ଅଣ୍ଡା ଭଳି ପ୍ରୋଟିନ୍ ଖାଆନ୍ତୁ । ପ୍ରଦୂଷଣ ଅଞ୍ଚଳରେ ମାସ୍କ ପିନ୍ଧନ୍ତୁ । ରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ଖାଇବା ଲାଗି କେନ୍ଦ୍ର ସରକାର 'ନିକ୍ଷୟ' ପୋଷଣ ଯୋଜନାରେ ମାସିକ ହଜାର ଟଙ୍କା ଲେଖାଏ ପ୍ରଦାନ କରୁଛନ୍ତି ।

# ଯୁଦ୍ଧ ଭିତରେ ଇରାନୀୟଙ୍କୁ ଘାରିଛି ଖାଦ୍ୟ ଚିନ୍ତା

**ନୂଆଦିଲ୍ଲୀ :**

ଯୁଦ୍ଧ ଭିତରେ ଇରାନର ମୁଦ୍ରା ବା କରେନ୍ସି ଭାଲ୍ୟୁ ଇରାନୀ ରିଆଲ ଦୃତ ଗତିରେ ହ୍ରାସ ପାଇବାରେ ଲାଗିଛି। ଇରାନ ଏବେ ୧୦ ମିଲିୟନ ଇରାନର ମୁଦ୍ରା ବା ରିଆଲ ବା ୧ କୋଟି ଇରାନୀ ରିଆଲ ନୋଟ୍ ଜାରି କରିଛି। କିଛି ଦିନ ପୂର୍ବରୁ ଇରାନ ୫ ମିଲିୟନ କରେନ୍ସି ନୋଟ୍ ଜାରି କରିଥିଲା। କିନ୍ତୁ ଇରାନ କରେନ୍ସିର ସ୍ଥିତି ଏତେ ଖରାପ ଯେ,ବଜାର ଓ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିପାରୁନି। ଏହାପରେ ଇରାନ ୧କୋଟି ନୋଟ୍ ଜାରି କରିଛି। କିନ୍ତୁ ଏହି ଭାରି ନୋଟ୍ ଦ୍ୱାରା ଇରାନର ଜନତାଙ୍କ ସ୍ଥିତି ଭଲ ନାହିଁ। କାରଣ ଇରାନରେ ଦରଦାମ ବୃଦ୍ଧ ଉଚ୍ଚତମ ସ୍ତରରେ ରହିଛି। କାରଣ ଇରାନରେ ଦରଦାମ୍ ବୃଦ୍ଧି ଉଚ୍ଚତମ ସ୍ତରରେ ରହିଛି। ଆପଣ ହୁଏତ ଭାବୁଥିବେ ଏକ କୋଟି ଟଙ୍କାର ନୋଟ୍ ନେଇ ଇରାନରେ କେହି ସପିଂ କଲେ ଟ୍ରକ୍ ଭର୍ତ୍ତି ଜିନିଷ ଆସିଯିବ। କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ଇରାନରେ ଏକ କୋଟି ରିଆଲ ବିନିମୟରେ ବ୍ୟାଗ୍ ବି ଭର୍ତ୍ତି ହେଉନି। କାରଣ ଇରାନର ୧କୋଟି ଇରାନୀ ରିଆଲ ନୋଟ୍ ଭାରତରେ ୭୧୫ ଟଙ୍କା। ଯଦି ଏକ କୋଟି ଇରାନୀ ରିଆଲକୁ ଆମେରିକା



ଡଲାରରେ ବଦଳାଇବା ତେବେ କେବଳ ମାତ୍ର ୭ ଡଲାର ମିଳିବ। ଏକ ଆମେରିକୀୟ ଡଲାରର ଦାମ୍ ଇରାନରେ ପ୍ରାୟ ୧୩ ରୁ ୧୫ ଲକ୍ଷ ଇରାନୀ ରିଆଲ। ଏହି କାରଣରୁ ଇରାନକୁ ନିଜର ଅର୍ଥନୀତି ଚଳାଇବା ପାଇଁ ବହୁତ ବଡ଼ ନୋଟ୍ ଜାରି କରିବାକୁ ପଡୁଛି। ଇରାନରେ ଅଟାର ମୂଲ୍ୟ ପ୍ରତି କିଲୋଗ୍ରାମ ୫.୨ଲକ୍ଷ ରିଆଲ ପହଞ୍ଚିଛି। କିଛି ସ୍ଥାନରେ ଚାଉଳ ପ୍ରତି କିଲୋଗ୍ରାମ ୨ଲକ୍ଷ ରିଆଲ ପର୍ଯ୍ୟନ୍ତ ବିକ୍ରି ହେଉଛି। କ୍ଷୀର, ଅଣ୍ଡା ଏବଂ ଚିକେନ୍ ପରି ଜିନିଷଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। ଇରାନରେ କ୍ଷୀର ପ୍ରତି ଲିଟର ୬ ଲକ୍ଷ ରିଆଲରେ ବିକ୍ରି ହେଉଛି। ଯଦି ଜଣେ ଇରାନୀ ବ୍ୟକ୍ତି ଚାରି ଜଣିଆ ପରିବାର ପାଇଁ ୧ କୋଟି ରିଆଲ ନେଇ ଅଟା ଦୋକାନକୁ ଯାଆନ୍ତି, ତେବେ ସେମାନେ କେବଳ ରୁଟି କିଣିବାରେ ଲକ୍ଷ ଲକ୍ଷ ରିଆଲ ଖର୍ଚ୍ଚ କରନ୍ତି। ଅନେକ ପରିବାର କେବଳ ରୁଟି ପାଇଁ ପ୍ରାୟ ୧୦ ଲକ୍ଷ ରିଆଲ ଖର୍ଚ୍ଚ କରନ୍ତି। ଏହାପରେ ସେ ଚାଉଳ, ଅଣ୍ଡା କିମ୍ବା ଡାଲି କିଣିବାର ଭାବନ୍ତି ତେବେ ଚିନ୍ତାରେ ପଡି ଯାଆନ୍ତି। କାରଣ ପରିବା, ତେଲ ଓ କ୍ଷୀର ଭଳି ସାଧାରଣ ଜିନିଷ ଗତ ସତ ମାସ ୬୦ରୁ ୧୦୦% ପର୍ଯ୍ୟନ୍ତ ମହଙ୍ଗା ହୋଇସାରିଛି। ଚାରି ଜଣଙ୍କ ପରିବାର ଯଦି କେବଳ ରୁଟି, କିଛି ଭାତ, କିଛି ଅଣ୍ଡା ଏବଂ ଶସ୍ତା ପନିପରିବା ଭଳି ସରଳ ଖାଦ୍ୟ ଖାଆନ୍ତି, ତେବେ ଦୈନିକ ସର୍ବନିମ୍ନ ଖର୍ଚ୍ଚ ଅନେକ ଲକ୍ଷ ରିଆଲ ପର୍ଯ୍ୟନ୍ତ ପହଞ୍ଚିପାରେ। ବହୁ ଇରାନୀ ପରିବାର କହିଛନ୍ତି ଯେ, ପାଞ୍ଚ ଜଣଙ୍କ ପାଇଁ ମୌଳିକ ଦୈନିକ ଖର୍ଚ୍ଚ ପ୍ରାୟ ୩ କୋଟି ରିଆଲ ପର୍ଯ୍ୟନ୍ତ ପହଞ୍ଚିଥାଏ, ତାହା ମଧ୍ୟ ମାଂସ ଏବଂ ଫଳ ବିନା। ଇରାନର ଅର୍ଥବ୍ୟବସ୍ଥା ଅନେକ ବର୍ଷ ଧରି ଚାପ ମଧ୍ୟରେ ଥିଲା। ତେବେ ୨୦୨୫-୨୬ ରେ ସଙ୍କଟ ଶୀର୍ଷରେ ପହଞ୍ଚିଥିଲା। ଡିସେମ୍ବର ୨୦୨୫ ରେ ମୁଦ୍ରାସ୍ଫୀତି ୪୨.୦୫% ରେ ପହଞ୍ଚିଥିଲା, ଏବଂ କିଛି ରିପୋର୍ଟ ସୂଚିତ କରୁଛି ଯେ ଖାଦ୍ୟ ମୂଲ୍ୟ ୭୦% ଅତିକ୍ରମ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇରାନର ମୁଦ୍ରାସ୍ଫୀତି ବର୍ତ୍ତମାନ ସର୍ବୋଚ୍ଚ ସ୍ତରରେ ଅଛି। ଇରାନ ପୂର୍ବରୁ ହିଁ ଆମେରିକା, ୟୁରୋପ ଓ ଜାତିସଂଘ ଦ୍ୱାରା କଡ଼ା କଟକଣାର ସମ୍ମୁଖୀନ ହୋଇଥିଲା। ଇରାନର ପରମାଣୁ କାର୍ଯ୍ୟକ୍ରମ ଓ ବାଲାଷ୍ଟିକ୍ ମିସାଇଲ ପୋଗ୍ରାମ କାରଣରୁ ଆମେରିକା ଓ ୟୁରୋପ ଖୁବ୍ କଡ଼ା କଟକଣା ଲଗାଇଥିଲା। ବହୁ ଦେଶ ତ ଇରାନ ସହ ବିଜନେସ୍ ବନ୍ଦ କରିଦେଇଥିଲେ। ଇରାନ ଦୁନିଆର ବଡ଼ ତୈଳ ଉତ୍ପାଦକ ଦେଶ, କିନ୍ତୁ କଟକଣା କାରଣରୁ ଇରାନ ନିଜର ତୈଳ କାହାକୁ ବିକ୍ରି କରିପାରୁନଥିଲା। ଏହି କାରଣରୁ ଇରାନ ପାଖରେ ବିଦେଶୀ ମୁଦ୍ରା ଅର୍ଥାତ ଡଲାର ଅଭାବ ହୋଥିଲା। ତୈଳ ବିକ୍ରୟରୁ ଆୟ କମ୍ ହେଉଥିବାରୁ ସରକାରଙ୍କ ରାଜକୋଷ ଖାଲି ହୋଇଯାଇଥିଲା। ଅନ୍ୟପକ୍ଷେ ଘରୋଇ ଆବଶ୍ୟକତା ପୂରଣ କରିବା ପାଇଁ, ଇରାନ ସରକାର ବଡ଼ ବଡ଼ ପରିମାଣର ନୋଟ୍ ଛାପିବା ଆରମ୍ଭ କଲେ। ଅର୍ଥନୀତିର ନିୟମ ସ୍ପଷ୍ଟ ଭାବରେ କୁହେ ଯେ ଯଦି ନୋଟ୍ ଅଧିକ ଛପା ଯାଏ ତେବେ ସାମଗ୍ରୀର ଉତ୍ପାଦନ କମ୍ ହୁଏ, ଫଳ ମୁଦ୍ରାସ୍ଫୀତି ନିଶ୍ଚିତ ଭାବରେ ବୃଦ୍ଧି ପାଇବ। ଇରାନ ଏହାର ଶିକାର ହୋଇଛି।

# ଚିଲିକା ଫ୍ରେସ୍‌ରେ ଅଚଳାବସ୍ଥା: ନାହାନ୍ତି ମାଛ କଟାଳି

**ଭୁବନେଶ୍ୱର, ଦୀପିକା ବ୍ୟୁରୋ**

କାଉଣ୍ଟରରେ ରହିଛି ମାଛ । ଗ୍ରାହକ ବି ଆସୁଛନ୍ତି । ହେଲେ ମାଛ କାଟିବାକୁ କଟାଳି ନାହାନ୍ତି । ଡାକିଲେ ବି କେହି ଶୁଣୁନାହାନ୍ତି । କି ବିଡମ୍ବନା ସତରେ । କୌଣସ ମାଛ ବଜାର ନୁହେଁ, ଖୋଦ୍ ସରକାରୀ ଆଉଟଲେଟ୍ ଚିଲିକା ଫ୍ରେସରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ରବିବାର ଏଭଳି ଅଭିଯୋଗ ଆସିଥିଲା ସହିଦନଗରରେ ଥିବା ଚିଲିକାଫ୍ରେସ୍ କାଉଣ୍ଟରରୁ ।

ରାଜଧାନୀରେ ଥିବା ସହିଦନଗର ଓ ସିଆରପି ଚିଲିକାଫ୍ରେସ୍ କାଉଣ୍ଟରରେ କଟାଳି ନଥିବା ବେଳେ ଶିରିପୁରରେ ଜଣେ କର୍ମଚାରୀ କାଉଣ୍ଟର ଛାଡି ପଳାଇଛନ୍ତି । ପରେ ସେଠାରେ ଆଉ ଜଣଙ୍କୁ ଦାୟିତ୍ୱ ମିଳିଥିବା ବେଳେ ସେ ମଧ ଛାଡିବା ଉପରେ ଅଛନ୍ତି । ଏହା ପଛରେ କାରଣ ହେଉଛି, ଦରମା ଅସଙ୍ଗତି । ବର୍ଷ ବର୍ଷ ଧରି ତଳିଆ କର୍ମଚାରୀମାନେ ଠିକ୍ରେ ଦରମା ପାଉନଥିବାରୁ ଚାକିରି ଛାଡୁଥିବା ନେଇ କିଛି କର୍ମଚାରୀ ଅଭିଯୋଗ କରିଛନ୍ତି । ହେଲେ ଏ ଦିଗରେ ଚିଲିକାଫ୍ରେସ୍ ଦାୟିତ୍ୱରେ ଥିବା ଫିସଫେଡ୍ କିମ୍ବା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ କୌଣସି ପଦକ୍ଷେପ ମଧ ଗ୍ରହଣ କରୁନି । କେବଳ ସେତିକିନୁହେଁ, ଶିରିପୁର ଚିଲିକାଫ୍ରେସ୍ କାଉଣ୍ଟରଟି ଧୀରେଧୀରେ ଅସ୍ୱାସ୍ଥ୍ୟକର ହୋଇଯାଉଛି । କାଉଣ୍ଟର ସାମ୍ନା ପଟ କାଚ (ଗ୍ଲାସ) ନଷ୍ଟ ହୋଇଗଲାଣି । ନୂଆ କାଚ ଲାଗିବାକୁ କୁହାଯାଇଥିବା ବେଳେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନି । କାଚ ନଥିବାରୁ କାଉଣ୍ଟର ଭିତରେ ପ୍ରବଳ ମାଛି ଉଡୁଛନ୍ତି । ଯଦ୍ୱାରା ସଂକ୍ରମଣ ଆଶଙ୍କା ରହୁଛି । ରାଜଧାନୀବାସୀଙ୍କୁ ସତେଜ ଓ ଦେଶୀ ମାଛ ଯୋଗାଇଦେବା ଲକ୍ଷ୍ୟ ନେଇ ସରକାର ଚିଲିକାଫ୍ରେସ ଭଳି



ଏକ ଅଭିନବ ଯୋଜନା ଆରମ୍ଭ କରିଥିଲେ । ୨୦୧୪ରେ ଶିରିପୁର ଛକରେ ପ୍ରଥମ ଚିଲିକାଫ୍ରେସ ଆଉଟଲେଟ୍ ଖୋଲିଥିଲା । ଏହାର ସଫଳତା ପରେ ସିଆରପି ଓ ସହିଦନଗରରେ ଆଉ ଦୁଇଟି ଆଉଟଲେଟ୍ ଖୋଲାଯାଇଥିଲା । ଏହାପରେ ପିପିପି ମୋଡ୍‌ରେ ୨୬ଟି ଆଉଟଲେଟ ଖୋଲିବା ପାଇଁ ସ୍ଥିର ହୋଇଥିଲା । ଏଥିପାଇଁ ଫିସଫେଡ୍ ଏକ ଘରୋଇ ସଂସ୍ଥା ସହ ରାଜିନାମା ସ୍ୱାକ୍ଷର କରି ଜିଏ ବିଭାଗକୁ ଜମି ମାଗିଥିଲା । ଜିଏ ବିଭାଗ ମଧ ଜମି ଯୋଗାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୦ଟି ଆଉଟଲେଟ୍ ନିର୍ମାଣ କରାଯାଇ ଘରୋଇ ସଂସ୍ଥା ହାତରେ ଟେକିଦିଆଯାଇଥିଲା । ପ୍ରଥମ ବର୍ଷରେ ୬୧.୯୨ ଲକ୍ଷ ଭଡ଼ା ସହ ୧୫ବର୍ଷ ପାଇଁ ଆଉଟଲେଟ୍ ପରିଚାଳନା କରିବ ବୋଲି ଚୁକ୍ତି ହୋଇଥିଲା । ଅବଶିଷ୍ଟ ୧୩ଟି ଜମିରେ ଆଉଟଲେଟ୍ ନିର୍ମାଣ ହୋଇନଥିବା ବେଳେ ତାହା ଘରୋଇ ସଂସ୍ଥା ଦାୟିତ୍ୱରେ ଥିଲା । ଆଉଟଲେଟ୍ ନିର୍ମାଣ ହୋଇନପାରିବାରୁ ଯୋଜନାର ମାତ୍ର ୫ବର୍ଷ ଅର୍ଥାତ ୨୦୧୯ ମସିହାରେ ଉକ୍ତ ସଂସ୍ଥା ଫିସଫେଡକୁ ୧୩ଟି ଜମି ଫେରାଇସାରିଥିଲା । ଏହାପରେ ଧୀରେଧୀରେ ଘରୋଇ ସଂସ୍ଥା ଅଧିନରେ ଥିବା ଚିଲିକାଫ୍ରେସ ଆଉଟଲେଟ୍ରେ ତାଲା ଝୁଲିବାକୁ ଲାଗିଲା । ଏବେ ସମସ୍ତ ୧୦ଟି ଆଉଟଲେଟ୍ ବନ୍ଦ ହୋଇଯାଇଛି ।

ଏବେ କେବଳ ସିଆରପି, ଶିରିପୁର ଓ ସହିଦନଗରରେ ଥିବା ୩ଟି ସରକାରୀ ଚିଲିକାଫ୍ରେସ ଆଉଟଲେଟ୍ ରହିଛି । ହେଲେ ପରିଚାଳନା ଅଭାବରୁ ଏଗୁଡ଼ିକର ସ୍ଥିତି ଧୀରେଧୀରେ ବିଗିଡିବାରେ ଲାଗିଛି । ଆଉଟଲେଟ୍‌ର ପରିଚାଳନା ପାଇଁ ଖର୍ଚ୍ଚ ସରକାର ଦେଉନଥିବା ଅଭିଯୋଗ ହୋଇଛି । ଆଉଟ୍ଲେଟ୍ର ମରାମତି, ବିଦ୍ୟୁତ ବିଲ୍ ଖର୍ଚ୍ଚ ମାଛ ବିକା ଟଙ୍କାରେ ସୁଝାଯାଉଛି । ଯାହାକୁ ନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗତବର୍ଷ ମେ ମାସରେ ଏହି ତିନି ଆଉଟଲେଟକୁ ବେସରକାରୀ ସଂସ୍ଥା ହାତରେ ଟେକିଦେବାକୁ ମସୁଧା ଆରମ୍ଭ ହୋଇଥିଲା । ହେଲେ ଟେଣ୍ଡରରେ ଅନିୟମିତତା ହୋଇଥିବା ଅଭିଯୋଗ ହେବାପରେ ବର୍ତ୍ତମାନ କୌଣସି ସଂସ୍ଥାକୁ ଏହା ଦିଆଯାଇନି । ତେଣୁ ସମସ୍ତ ଚିଲିକାଫ୍ରେସ ଆଉଟଲେଟକୁ ସରକାର ପରିଚାଳନା କରନ୍ତୁ ବୋଲି ଦାବି ହୋଇଛି । ଏବାବଦରେ ଫିସଫେଡ୍ର ଜଣେ ଅଧିକାରୀ କହିଛନ୍ତି, ସରକାର ଏଦିଗରେ ଦୃଷ୍ଟି ଦେବା କଥା । ଫିସଫେଡ୍ ତ ନିଜେ କ୍ଷତିରେ ଚାଲିଛି । ଫିସଫେଡର ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ଉତ୍ତର ମିଳିନି ।

ମୁଖ୍ୟ ସମ୍ପାଦିକା
ଶ୍ରୀମତୀ ସୁପ୍ରଭା ରାୟ

ସଂପାଦକ
ଜୟାଶୀଷ ରାୟ

ପରିଚାଳନା ସଂପାଦକ
ମଳୟ ଶଙ୍କର ରାୟ

ମୁଖ୍ୟ ଉପଦେଷ୍ଟା
ଡ.ବିଭୂତି ପଟ୍ଟନାୟକ

ସଂପାଦନା ମଣ୍ଡଳୀ
ଡ. ବିଜୟାନନ୍ଦ ସିଂହ
ଡ. ଗୋବିନ୍ଦ ଚାନ୍ଦ
ଡ. ଶ୍ରୀଚରଣ ମହାନ୍ତି
ଦୁର୍ଗାଚରଣ ଷଡ଼ଙ୍ଗୀ
ଲକ୍ଷ୍ମୀ ଚାନ୍ଦ୍

ବିଜ୍ଞାପନ ଓ ପ୍ରସାର ପରିଚାଳନା :
ଲୋପାମୁଦ୍ରା, ଅନିତା ପଟ୍ଟନାୟକ,
ମନୋଜ ମହାନ୍ତି,
ବାସୁଦେବ ବାରିକ
ଓ
ବାବନ ସ୍ୱାଇଁ
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର,
ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

**ପ୍ରବାସୀ ଶ୍ରମିକଙ୍କ ଉପରେ ମଧ୍ୟପ୍ରାଚ୍ୟ ପ୍ରହାର**

# ଗ୍ୟାସ ଅଭାବରୁ ରୋଜଗାରରେ ପଡିଛି ତାଲା

**ଖଲ୍ଲିକୋଟ, ଦୀପିକା ବ୍ୟୁରୋ**

ଫେରିଛି ଯନ୍ତ୍ରଣା । ଗୁଜୁରାଣ ପାଇଁ କଲବଲ । ବଦଳିଛି ଭୋକର ସଂଜ୍ଞା । ଏଠି ସିନା ନାହିଁ କଟକଣା କିନ୍ତୁ ଦାଉ ସାଜିଛି ଅଭାବ । ଭୂତାଣୁକୁ ବଳିଯିବାକୁ ବସିଛି ରନ୍ଧନ ଗ୍ୟାସ୍ ଯନ୍ତ୍ରଣା । ରୋଗଠାରୁ ବଢିଛି ଚଳିବା କଷ୍ଟ । ଜୀବନ ଜୀବିକା ଲାଗି ଅହରହ ସଂଗ୍ରାମ । ପ୍ରବାସୀ ଶ୍ରମିକଙ୍କ ଉପରେ ମଧପ୍ରାଚ୍ୟ ପ୍ରହାର । ଗ୍ୟାସ ଅଭାବରୁ ରୋଜଗାରରେ ପଡିଯାଇଛି ତାଲା । ଘର ମୁହାଁ ଏବେ ଶହ ଶହ ଓଡ଼ିଆ ପ୍ରବାସୀ । ଜାଳେଣ ଅଭାବରୁ ସୁରଟର ଅନେକ ଟେକ୍ସଟାଇଲ ଇଣ୍ଡଷ୍ଟ୍ରି ବନ୍ଦ ହେବାକୁ ଲାଗିଲାଣି । ଆଉ ଉପାୟ ଶୂନ୍ୟ ଶ୍ରମିକଙ୍କୁ ପାଖରେ ଗୋଟିଏ ରାସ୍ତା ଘରବାହୁଡା । ଗଞ୍ଜାମ ଖଲ୍ଲିକୋଟ ରେଳ ଷ୍ଟେସନର ଦୃଶ୍ୟ ଦେଖିଲେ ମନେ ପଡିଯାଉଛି କୋଭିଡ ସମୟର ଦୃଶ୍ୟ । ବଦଳୁଛି ଭୋକର ଭୁଗୋଳ । ଦାନା ଗଣ୍ଡାଏ ଲାଗି ସଂଘର୍ଷ । ହାଟରୁ ହାଣ୍ଡିଶାଳ ସବୁଠି ୱାର ଇଫେକ୍ଟ । ଜାଳେଣି ଗ୍ୟାସ ଅଭାବରୁ ପଲ୍ଲୀରୁ ଦିଲ୍ଲୀ ସବୁଠି ଚଡକ । ସାଧାରଣ ଲୋକ କୋଇଲା ବା କାଠ ଚୁଲି ଉପରେ ନିର୍ଭର କଲାବେଳେ ହୋଟେଲ ଓ ରେଷ୍ଟୁରାଣ୍ଟ ବନ୍ଦ ହେବାକୁ ବସିଲାଣି । ଫଳରେ କିଛି ବର୍ଷ ପରେ ରାଜ୍ୟକୁ ଫେରିଛି ଦାଦନ କଷ୍ଟ । ଗଞ୍ଜାମର ବିଭିନ୍ନ ଅଞ୍ଚଳରୁ ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆ ଶ୍ରମିକଙ୍କ ଜୀବିକା ଲାଗିଛି ବାଜିରେ । ସୁରଟ ସୁତା କଳରେ ଶ୍ରମିକ ଭାବେ କାମ କରି ଆସୁଥିବା ବେଳେ ଜାଳେଣି ଗ୍ୟାସର ଅଭାବ ସେମାନଙ୍କ ରୋଜଗାରକୁ ପ୍ରଭାବିତ କରିଛି । କିଛି ମେସ ଜାଳେଣି ଗ୍ୟାସର ଅଭାବ ଯୋଗୁଁ ବନ୍ଦ ହୋଇଯାଇଥିବା ବେଳେ ହୋଟେଲ ମାନଙ୍କରେ ଖାଦ୍ୟ ସାମଗ୍ରୀ ଉଚ୍ଚା ଦର । ରହିବା ତ ଦୂରର କଥା ପେଟରେ ଦାନା ନେବା ହୋଇପଡିଲାଣି ମୁସ୍କିଲ୍ । ଯୁଦ୍ଧ ପାଇଁ ଗ୍ୟାସର ଅଭାବ ପ୍ରାୟ ଦୀର୍ଘ ଏକମାସ ଧରି ଲାଗି ରହିଛି । ଫଳରେ ଶ୍ରମିକମାନେ ଗ୍ୟାସ କେଜି ପିଛା ପାଞ୍ଚଶହ ଟଙ୍କାରୁ ୬୦୦ ଟଙ୍କା କିଣିଥିବା କହିଛନ୍ତି । ଚଢା ଦରରେ ଗ୍ୟାସ କିଣି ସୁରଟରେ ରହି ସୂତା କଳରେ କାମ କରିବା ସେମାନଙ୍କ ପାଇଁ କଷ୍ଟସାଧ । ଦାନା ଛ ଟଙ୍କାକୁ ଘୋଡା ନ ଟଙ୍କା ସଦୃଶ୍ ହୋଇଛି । ବାଧ ହୋଇ ପ୍ରତିଦିନ ଶହ ଶହ ଓଡ଼ିଆ ଶ୍ରମିକ ଅନିର୍ଦ୍ଧିଷ୍ଟ କାଳ ପାଇଁ ଘରକୁ ଫେରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ ସ୍ଥିତି ସ୍ୱାଭାବିକ ହେଲେ ପୁଣି ନିଜର କର୍ମକ୍ଷେତ୍ରକୁ ଫେରିବେ । ସୁତାକଳରେ କାମ କରୁଥିବା ଓଡ଼ିଶାର ପ୍ରାୟ ୭ ଲକ୍ଷରୁ ଅଧିକ ଶ୍ରମିକଙ୍କ ରୋଜଗାର ଠପ୍ ହୋଇଯାଇଛି । ଦିନେ ପ୍ରବାସୀଙ୍କ ଶ୍ରମିକଙ୍କ ପାଇଁ ଦାଉ ସାଧିଥିଲା କରୋନା । ରୋଜଗାର ତଥା ଜୀବନ ବଞ୍ଚାଇବାକୁ ଗୋଟିଏ ରାସ୍ତା ଥିଲା ଘର ବାହୁଡ଼ା । ପାଖାପାଖି ୨, ୩ ବର୍ଷ ଘରେ ବସିବା ପରେ ବଢିଥିଲା ବେକାରୀ ସମସ୍ୟା । ବର୍ତ୍ତମାନ ସ୍ଥିତି ଏକରମକମର ସମାନ ହୋଇଛି । ରୋଗ ନଥିଲେ ବି ବଳିଯାଇଛି ଯୁଦ୍ଧ ସଂକଟ ସ୍ଥିତି । ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ କେବେ ସାମାଧାନ ହେବ ସ୍ଥିତି କେବେ ଫେରିବ ସ୍ୱାଭାବିକ ଜୀବନ ?



# ଯୁଦ୍ଧ ନେଲାଣି ୨୫୦୦ରୁ ଅଧିକ ଜୀବନ : ଇରାନରେ ସର୍ବାଧିକ ମୃତ୍ୟୁ

**ନୂଆଦିଲ୍ଲୀ :**

ଫେବ୍ରୁୟାରୀ ୨୮ ତାରିଖରେ ଆମେରିକା ଓ ଇସ୍ରାଏଲ ସେନା ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିବା ପରଠାରୁ ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧରେ ଏପର୍ଯ୍ୟନ୍ତ ଅର୍ଥାତ ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ୨,୫୬୬ ଜଣଙ୍କ ମୃତ୍ୟୁ ଘଟିଛି ।

ସେଥିରେ ଇରାନରେ ସର୍ବାଧିକ ୧,୪୪୪ ଜଣ ରହିଥିଲା ବେଳେ ସେଥିରେ ଏକ ସ୍କୁଲର ୧୮୦ ଛାତ୍ରୀ ସାମିଲ ଅଛନ୍ତି । ସେହିଭଳି ଲେବାନନରେ ୧,୦୨୪ ଜଣ,ଇରାକରେ ୬୦,ଇସ୍ରାଏଲରେ ୧୮,ଆମେରିକା ସୈନ୍ୟ ୧୩,ୟୁଏଇରେ ୮,କୁଏତରେ ୬,ସିରିୟାରେ ୪,ପାଲେଷ୍ଟାଇନରେ ୪,ଓମାନରେ ୩,ବାହାରିନ ଓ ସାଉଦି ଆରବରେ ୨ ଜଣ ଲେଖାଏ ଏବଂ ଜଣେ ଫ୍ରାନ୍ସ ସୈନିକ ଯୁଦ୍ଧରେ ପ୍ରାଣ ହରାଇଛନ୍ତି । ଅନ୍ୟପକ୍ଷରେ ଆମେରିକାର ଏକ ମାନବାଧିକାର ସଙ୍ଗଠନ ଏଚ୍‌ଆରଏଏନ୍‌ଏ (ହ୍ୟୁମାନ ରାଇଟ୍ସ ଆକ୍ଟିଭିଷ୍ଟ ନ୍ୟୁଜ ଏଜେନ୍ସି) କହିଛି ଯେ ଯୁଦ୍ଧ ଯୋଗୁ କେବଳ ଇରାନରେ ୩,୩୨୦ ଜଣଙ୍କ ମୃତ୍ୟୁ ଘଟିଛି । କିନ୍ତୁ ଇରାନ ସରକାର ବାସ୍ତବ ମୃତାହତଙ୍କ ସମ୍ପର୍କରେ ତଥ୍ୟ ଦେଉନାହାନ୍ତି । ମୃତକଙ୍କ ମଧ୍ୟରେ ୨୧୦ ପିଲାଙ୍କ ସମେତ ୧,୩୯୮ ଜଣ ସାଧାରଣ ନାଗରିକ ଅଛନ୍ତି । ସେହିଭଳି ୧,୧୬୫ ଜଣ ସେନା ଅଧିକାରୀ ଏବଂ ଅନ୍ୟ ପରିଚୟ ଜଣାପଡି ନଥିବା ୬୫୭ ଜଣଙ୍କ ମୃତ୍ୟୁ ହୋଇଛି ।



# ଇରାନର 'ମିସାଇଲ୍ ସିଟି': କହିଲା ଏହା ତ କେବଳ ଟ୍ରେଲର



**ନୂଆଦିଲ୍ଲୀ :**

ମଧ୍ୟପ୍ରାଚ୍ୟରେ ଯୁଦ୍ଧର ନିଆଁ କମିବାର ନାଁ ନେଉନି । ଜଙ୍ଗର ୨୫ତମ ଦିନରେ ଇରାନ ନିଜର ଶକ୍ତି ପ୍ରଦର୍ଶନ କରି ସାରା ବିଶ୍ୱକୁ ଚକିତ କରିଦେଇଛି । ନିକଟରେ ଇରାନ ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି, ଯେଉଁଥିରେ ପାହାଡ଼ ତଳେ ଶହ ଶହ ମିଟର ଗଭୀରରେ ନିର୍ମିତ ଏକ ବିଶାଳ 'ଅଣ୍ଡରଗ୍ରାଉଣ୍ଡ ମିସାଇଲ ସିଟି' ଦେଖିବାକୁ ମିଳିଛି । ଇରାନ କହିଛି, 'ଏହା ତ କେବଳ ଟ୍ରେଲର, ଅସଲି ପିକଚର୍ ଏବେ ବି ବାକି ଅଛି ।' ଇରାନ ସରକାରୀ ଗଣମାଧ୍ୟମ ଦ୍ୱାରା ଜାରି ଏହି ଭିଡିଓରେ କଂକ୍ରିଟ୍ରେ ତିଆରି ବିଶାଳ ସୁଡ଼ଙ୍ଗ ଦେଖାଯାଉଛି । ଏଠାରେ ଶହ ଶହ ସଂଖ୍ୟାରେ ବାଲିଷ୍ଟିକ୍ ଏବଂ କ୍ରୁଜ୍ ମିସାଇଲ୍ର ଭଣ୍ଡାର ରହିଛି । ଇରାନର ଦାବି ଅନୁଯାୟୀ, ଏହା ତାଙ୍କ ସାମରିକ କ୍ଷମତାର ମାତ୍ର ଏକ କ୍ଷୁଦ୍ର ଅଂଶ ।

ରକ୍ଷା ବିଶେଷଜ୍ଞଙ୍କ ଅନୁସାରେ, ଏହି ମିସାଇଲ ସିଟିଗୁଡ଼ିକ ଏତେ ଗଭୀରରେ ନିର୍ମିତ ଯେ ଆମେରିକାର ସବୁଠାରୁ ଶକ୍ତିଶାଳୀ 'ବଙ୍କର୍ ବଷ୍ଟର' ବୋମା ମଧ୍ୟ ଏହାର କିଛି କ୍ଷତି କରିପାରିବ ନାହିଁ । ଯେଉଁ ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଭାବୁଥିଲେ ଯେ ୭ ଦିନରେ ଇରାନ ଆତ୍ମସମର୍ପଣ କରିବ, ସେଠାରେ ୨୫ ଦିନ ପରେ ବି ଇରାନ ପୂରା ଦମ୍‌ରେ ଯୁଦ୍ଧ ଲଢୁଛି ।

ବାରମ୍ବାର ଏଭଳି ଭିଡିଓ ଜାରି କରି ଇରାନ ଶତ୍ରୁପକ୍ଷ ଉପରେ ମାନସିକ ଚାପ ପକାଇବାକୁ ଚେଷ୍ଟା କରୁଛି । ଏହି ଭିଡିଓ ଜରିଆରେ ଇରାନ ଏହି ବାର୍ତ୍ତା ଦେବାକୁ ଚାହୁଁଛି ଯେ, ଯଦି ତା' ଉପରେ ପୁଣି ଆକ୍ରମଣ ହୁଏ, ତେବେ ଜବାବୀ କାର୍ଯ୍ୟାନୁଷ୍ଠାନ ଏତେ ଭୟଙ୍କର ହେବ ଯେ ଆମେରିକା ଓ ଇସ୍ରାଏଲର ସହଯୋଗୀ ଦେଶମାନେ ନିଜକୁ ରକ୍ଷା କରିବା କଷ୍ଟକର ହୋଇପଡ଼ିବ । ଅନ୍ୟପଟେ, ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ସହ ଆମେରିକାର 'ମଜବୁତ ଆଲୋଚନା' ଚାଲିଛି ଏବଂ ଖୁବ୍ ?ଶୀଘ୍ର ଏକ ଚୁକ୍ତି ହୋଇପାରେ । ସେ ଚେତାବନୀ ଦେଇଛନ୍ତି ଯେ, ଯଦି କଥାବାର୍ତ୍ତା ବିଫଳ ହୁଏ ତେବେ ବୋମାମାଡ଼ ଜାରି ରହିବ । ତେବେ ଇରାନ ଗଣମାଧ୍ୟମ ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି । ସେମାନଙ୍କ କହିବା ଅନୁସାରେ, ଆମେରିକା ସହ କୌଣସି ଆଲୋଚନା ହେଉନାହିଁ । ବିଶ୍ୱ ବଜାରରେ ତେଲ ଦର ନିୟନ୍ତ୍ରଣ କରିବା ପାଇଁ ଟ୍ରମ୍ପ ଏଭଳି ମିଥ୍ୟା ବୟାନ ଦେଉଛନ୍ତି । ଋଷିଆ ମଧ୍ୟ ଇରାନ ସପକ୍ଷରେ ଛିଡ଼ା ହୋଇଥିବା ଦେଖିବାକୁ ମିଳୁଛି । ଏଭଳି ପରିସ୍ଥିତିରେ ଯୁଦ୍ଧ ଆହୁରି ଲମ୍ବା ସମୟ ଧରି ଚାଲିବାର ସଙ୍କେତ ମିଳୁଛି ।

# ମଧ୍ୟପ୍ରାଚ୍ୟ ଯୁଦ୍ଧ ଭାଙ୍ଗିଲା ପାକିସ୍ତାନର ମେରୁଦଣ୍ଡ

**ନୂଆଦିଲ୍ଲୀ :**

ଇରାନ-ଆମେରିକା ଏବଂ ଇସ୍ରାଏଲ ଯୁଦ୍ଧ ଅନେକ ଦେଶରେ ଶକ୍ତି ସଙ୍କଟ ସୃଷ୍ଟି କରିଛି । ଇରାନ ହର୍ମୁଜ ପ୍ରଣାଳୀରେ ତୈଳ ଏବଂ ଗ୍ୟାସ ଜାହାଜକୁ ଟାର୍ଗେଟ କରିଛି । ଫଳସ୍ୱରୂପ, ପାକିସ୍ତାନର ଅର୍ଥନୀତି ଭୁଶୁଡ଼ି ପଡିଛି । ଦରମା ହ୍ରାସ ଏବଂ ସରକାରୀ ଖର୍ଚ୍ଚ ଉପରେ କଟକଣା ପରେ, ପାକିସ୍ତାନରେ ତେଲ ଦାମ୍ ଆକାଶ ଛୁଆଁ ହୋଇଛି । ତେବେ ରବିବାର ପାକିସ୍ତାନ ସରକାରଙ୍କ ଆଉ ଏକ ନିର୍ଦ୍ଦେଶ ସ୍ଥିତିକୁ ଆହୁରି ଖରାପ କରିଛି । ପାକିସ୍ତାନ ସରକାର ରବିବାର ଲଗଜରୀ ଗାଡିରେ ବ୍ୟବହାର ହେଉଥିବା ପ୍ରତି ଲିଟର ହାଇ-ଅକ୍ଟେନ୍ ଫୁଏଲ ଉପରେ ଲେଭି ଟିକସ ବଢାଇ ୩୦୦ଟଙ୍କା ପ୍ରତି ଲିଟର କରିଛନ୍ତି । ଦାମ୍ ବଢିବାର ଘୋଷଣା ପୂର୍ବରୁ ବହୁ ସହରରେ ଥିବା ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ୍ ଲାଗିଛି । ଏକ ପ୍ରେସ୍ ରିଲିଜରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) କହିଛି ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଲଗଜରୀ ଗାଡିରେ ବ୍ୟବହାର ହେଉଥିବା ହାଇ-ଅକ୍ଟେନ୍ ଫୁଏଲ ଉପରେ ବଡ଼ ନିଷ୍ପତ୍ତି ନେଇଛନ୍ତି । ପିଏମ୍ ଶେହବାଜ ଶରିଫ୍ ନିଷ୍ପତ୍ତି ନେଇଛନ୍ତି ଯେ, ପୂର୍ବରୁ ୧୦୦ ଟଙ୍କା ପ୍ରତି ଲିଟର ଲେଭି ଥିଲା, ଏବେ ତାକୁ ବଢାଇ ୨୦୦ଟଙ୍କା ପ୍ରତି ଲିଟର କରି ଦିଆଯାଇଛି । ଏହି ନିଷ୍ପତ୍ତି ଦ୍ୱାରା ସରକାରଙ୍କୁ ପ୍ରତି ମାସ ୯ ବିଲିୟନ ଡଲାର ଟଙ୍କା ସଞ୍ଚୟ ହେବ । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ,ଏହି ଟଙ୍କାର ବ୍ୟବହାର ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ କରାଯିବ । ଯଦି ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ଶୀଘ୍ର ସମାପ୍ତ ନହୁଏ, ତେବେ ପାକିସ୍ତାନର ସ୍ଥିତି ଆହୁରି ଖରାପ ହେବ, କାରଣ ଏହାର ତୈଳ ଭଣ୍ଡାର ମାତ୍ର କିଛି ଦିନ ପାଇଁ ରହିଛି । କାରଣ ପାକିସ୍ତାନର ଯଥେଷ୍ଟ ତୈଳ ଭଣ୍ଡାର ନାହିଁ । ଯଦି ଯୋଗାଣ ବାଧାପ୍ରାପ୍ତ ହୁଏ, ତେବେ ପାକିସ୍ତାନ ଦୀର୍ଘ ସମୟ ପାଇଁ ନିଜକୁ ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇଯିବ । ସ୍ଥିତି ଏପରି ହୋଇଛି ଯେ ପାକିସ୍ତାନର ତୈଳ ଏବଂ ଗ୍ୟାସ ଯୋଗାଣ କିଛି ଦିନ ଧରି ବାଧାପ୍ରାପ୍ତ ହୋଇଛି । ପାକିସ୍ତାନୀ ଅଧିକାରୀଙ୍କ ଅନୁଯାୟୀ, ପାକିସ୍ତାନର ତୈଳ ଏବଂ ଗ୍ୟାସ ଭଣ୍ଡାର ଏବେ ଶେଷ ହେବାକୁ ବସିଲାଣି । ବର୍ତ୍ତମାନ, ଏଥିରେ ପ୍ରାୟ ୭ ଦିନର ଅଶୋଧିତ ତେଲ, ୧୭ଦିନର ଡିଜେଲ, ୨୦ ରୁ ୨୨ ଦିନର ପେଟ୍ରୋଲ, ୧୦ ଦିନର ଜେଟ୍ ଇନ୍ଧନ ଏବଂ ୧୦ ଦିନର ଇନ୍ଧନ ରହିଛି । ଶକ୍ତି ସଙ୍କଟର ମୁକାବିଲା ପାଇଁ ପାକିସ୍ତାନ ବହୁ କଠୋର ପଦକ୍ଷେପ ନେଇଛି । ପାକିସ୍ତାନର ଏଆରୱାଇ ନ୍ୟୁଜ୍ ଅନୁଯାୟୀ, ପାକିସ୍ତାନ ରବିବାର ହାଇ-ଅକ୍ଟେନ୍ ଇନ୍ଧନର ମୂଲ୍ୟ ୨୦୦ପାକିସ୍ତାନୀ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି, ଯାହା ପୂର୍ବ ୧୦୦ ପାକିସ୍ତାନୀ ଟଙ୍କା ଥିଲା । ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ବିଳାସପୂର୍ଣ୍ଣ ଯାନରେ ବ୍ୟବହୃତ ହାଇ-ଅକ୍ଟେନ୍ ଇନ୍ଧନ ଉପରେ ଶୁଳ୍କରେ ଏହି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ଅନୁମୋଦନ କରିଛନ୍ତି । ସରିଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।



ଏଆରୱାଇ ନ୍ୟୁଜ୍ ଅନୁଯାୟୀ, ହାଇ ଅକ୍ଟେନ୍ ଇନ୍ଧନ ମୂଲ୍ୟ ବୃଦ୍ଧି ସାଧାରଣ ପରିବହନ ଭଡ଼ା କିମ୍ବା ବିମାନ ଯାତ୍ରା ଖର୍ଚ୍ଚକୁ ପ୍ରଭାବିତ କରିବ ନାହିଁ । ବୈଠକରେ ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଆଜମ ନାଜିର ତରାର, ଅର୍ଥ ମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ, ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଆତାଉଲ୍ଲାହ ତରାର ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଅଲି ପରଭେଜ ମଲିକଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସମ୍ପାଦକୀୟ ଉତ୍କଳ ଦୀପିକା

# ମାଡ଼ିଆସୁଛି ବଡ଼ ଆର୍ଥିକ ବିପତ୍ତି

ଚଳିତ ଦଶନ୍ଧି ଆରମ୍ଭରୁ ହିଁ ବିଶ୍ୱ ଅର୍ଥନୀତି ଉପରେ ପଡ଼ିଛି ଶନି ଦଶା । ଯୁଦ୍ଧରେ ୪୮ ଲକ୍ଷ କୋଟି ସ୍ୱାହା ହୋଇଛି । ପ୍ରଥମେ କୋଭିଡ୍ ମହାମାରୀ, ଏହାପରେ ରୁଷ-ୟୁକ୍ରେନ ଯୁଦ୍ଧ, ତା'ପରେ ଡୋନାଲ୍ ଟ୍ରମ୍ପଙ୍କ ଆକ୍ରାମକ ଟାରିଫ୍ ନୀତି ଆଉ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ । ତାଲିକା ଆଗକୁ ବି ବଢ଼ିପାରେ । ଏଭଳି ସ୍ଥିତିରେ ଉକ୍ତ ଏସୀୟ ଅର୍ଥବ୍ୟବସ୍ଥାଗୁଡ଼ିକର ଅଭିବୃଦ୍ଧି ସମ୍ଭାବନା କ୍ଷୀଣ ହୋଇଯାଇଛି, ଯେଉଁମାନେ ତୈଳ ଏବଂ ଶକ୍ତି ଆମଦାନି ଉପରେ ଅଧିକ ନିର୍ଭରଶୀଳ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ତୈଳ ଏବଂ ଗ୍ୟାସ ସଂକଟ ସ୍ଥିତି ଉପୁଜିଛି । ଦର ଉପରମୁହାଁ । ଖାଲି ସେତିକି ନୁହେଁ ଏସିଆ ପ୍ରଶାନ୍ତ ଅଞ୍ଚଳରୁ ହୋର୍ମୁଜ ଦେଇ ୟୁରୋପକୁ ବିଭିନ୍ନ ପ୍ରକାର ସାମଗ୍ରୀ ରପ୍ତାନି ହୋଇଥାଏ । ହୋର୍ମୁଜ ବନ୍ଦ ଥିବାରୁ ତାହା ଏବେ ଠପ୍ । ଅନ୍ୟ ମାର୍ଗ ଦେଇ ରପ୍ତାନି ବ୍ୟୟବହୁଳ ବ୍ୟାପାର । ଏଭଳି ସ୍ଥିତିରେ ରାଷ୍ଟ୍ରଗୁଡ଼ିକ ଚିନ୍ତାରେ ।

ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି । ଦରଦାମ ସ୍ଥିତି ଉତ୍କଟ । ମୁଦ୍ରାସ୍ଫୀତି ଚାପ ବଢ଼ିଲାଣି । ଏଭଳି ସ୍ଥିତିରେ ଆଗକୁ ବଡ଼ ଧରଣର ଆର୍ଥିକ ସଂକଟ ସ୍ପଷ୍ଟ ଅନୁମେୟ । କେବଳ ତୈଳକୁ ନେଇ ଚିନ୍ତା କରୁଥିବା ଭାରତ ସରକାର ଅନ୍ୟାନ୍ୟ ଦିଗକୁ ଦୃଷ୍ଟି ଦେଉନାହାନ୍ତି । ରପ୍ତାନି ବାସ୍କେଟ ପ୍ରଭାବିତ । ଦେଶରୁ ମଧ୍ୟପ୍ରାଚ୍ୟକୁ କୃଷି ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ରପ୍ତାନି ବ୍ୟାହତ ହୋଇଛି । ଏଭଳି ସ୍ଥିତିରେ ଅର୍ଥବ୍ୟବସ୍ଥାରେ ଏକ କଳା ବାଦଲ ଘୋଟିଆସିଲାଣି । ତୈଳ ଆମଦାନି ଉପରେ ନିର୍ଭରଶୀଳ ଭାରତୀୟ ଅର୍ଥନୀତି ପାଇଁ ଚିନ୍ତାର ବିଷୟ ହେଉଛି ଆମଦାନି ବିଲ୍ । ତୈଳ ଦର ବୃଦ୍ଧି ସହିତ ବଢ଼ିବ ଆମଦାନି ବିଲ୍ । ଶୁଖିଯିବ ବୈଦେଶିକ ମୁଦ୍ରା ଭଣ୍ଡାର । ଏହା ଏକ ବଡ଼ ଚିନ୍ତା ।

ମୁଡିସ୍ ରିପୋର୍ଟ ଅନୁସାରେ, ଯୁଦ୍ଧ ଯୋଗୁ ହୋଇଥିବା ଆର୍ଥିକ କ୍ଷୟକ୍ଷତି ଫଳରେ ଏ ବର୍ଷ ଏସିଆ ପ୍ରଶାନ୍ତ ଅଞ୍ଚଳର ଅଭିବୃଦ୍ଧି ୪%କୁ ଖସିଯାଇପାରେ, ଯାହାକି ୨୦୨୫ରେ ଥିଲା ୪.୩% । ୨୦୨୭ରେ ଏହା ପୁନଃ ୩.୬%କୁ ଖସିପାରେ । ସେହିଭଳି ଭାରତର ଅଭିବୃଦ୍ଧି ଏ ବର୍ଷ ୭.୫%କୁ ଖସିଯାଇପାରେ ବୋଲି ଅନୁମାନ କରିଛି ମୁଡିସ୍, ଯାହାକି ୨୦୨୫ରେ ଥିଲା ୭.୮% । ୨୦୨୭ରେ ଏହା ୬.୨% ଏବଂ ୨୦୨୮ରେ ୬%କୁ ଖସିପାରେ ବୋଲି ଅନୁମାନ ରହିଛି । ଗତ ୧୮ ବର୍ଷ ଧରି ବାହ୍ୟ ଏବଂ ଘରୋଇ ଝଟ୍କା ଯୋଗୁ ଏସିଆ ପାସିଫିକ୍ ରାଷ୍ଟ୍ରଗୁଡ଼ିକର ଆର୍ଥିକ ସମ୍ପତ୍ତି ଧୂଳିସାତ ହୋଇଯାଇଛି ।

ମୁଡିସ୍ ଅନୁସାରେ, ପ୍ରମୁଖ ଅର୍ଥନୀତିଗୁଡ଼ିକରେ ଘରୋଇ ଚାହିଦା ଦୁର୍ବଳ ରହିଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ବିଭିନ୍ନ ସାମଗ୍ରୀ ଦର ବଢ଼ିଚାଲିଛି । ଫଳରେ ମୁଦ୍ରାସ୍ଫୀତି ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ରସାୟନ ଏବଂ ସାର ଅଭାବ ସ୍ଥିତି ଉପୁଜିଛି । ମଧ୍ୟପ୍ରାଚ୍ୟରୁ ଅଧିକାଂଶ ସାମଗ୍ରୀ ଆମଦାନି କରିଥାନ୍ତି ଏସିଆ ପାସିଫିକ୍ ରାଷ୍ଟ୍ର । ସେଠାରୁ ପ୍ରଚୁର ତୈଳ ଏବଂ ଗ୍ୟାସ ଆସିଥାଏ । ଏବେ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକ ଯୁଦ୍ଧରେ ମାତିଥିବାରୁ ବଡ଼ ଶକ୍ତି ସଂକଟର ପୂର୍ବାନୁମାନ କରାଯାଇଛି । ଯଦି ଆମେରିକା ଏବଂ ଇରାନ ଯୁଦ୍ଧ ଲମ୍ବା ସମୟ ଧରି ଲାଗିରୁହେ ତେବେ ଏହାର ପରିଣାମକୁ ଅଣଦେଖା କରାଯାଇପାରିବ ନାହିଁ । ମଧ୍ୟପ୍ରାଚ୍ୟ ଯୁଦ୍ଧ ସହିତ ଏସୀୟ ଅର୍ଥନୀତିଗୁଡ଼ିକ ପାଇଁ ଏକ ବଡ଼ ବିପତ୍ତି ହେଉଛି ଟ୍ରମ୍ପଙ୍କ ବେପରୁଆ ଟାରିଫ୍ ନୀତି । ଟାରିଫକୁ ନେଇ ଅନିଶ୍ଚିତତା ଚିନ୍ତାର ବିଷୟ । ଏହାସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ବିଶ୍ୱ ଯେଉଁ ଗତିରେ ଆଗକୁ ବଢୁଥିଲା ତାହା ବର୍ତ୍ତମାନ ସ୍ଥିତିରେ ଧିମା ହୋଇପାରେ ବୋଲି ଚେତାବନୀ ଦେଇଛି ମୁଡିସ୍ । ଏଆଇକୁ ନେଇ ସବୁଆଡ଼େ ଚର୍ଚ୍ଚା ।

ମୁଡିସ୍ ରିପୋର୍ଟ ଅନୁସାରେ ସାମ୍ପ୍ରତିକ ସ୍ଥିତି ଯୋଗୁ ଏହାର ଗତି ଧୀମା ହୋଇପାରେ । ଏସିଆରେ ବିଶ୍ୱର ସିଂହଭାଗ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ହୋଇଥାଏ । ଏଥିରେ ବ୍ୟବହାର ହେଉଥିବା ସେମିକଣ୍ଡକ୍ଟର ଯୋଗାଣ ପ୍ରଭାବିତ ହେବା ଆଶଙ୍କା ରହିଛି, ଯାହା ପ୍ରଭାବରେ ଏସିଆ ପାସିଫିକ୍ରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ବ୍ୟାହତ ହୋଇପାରେ । ଏହା ଅଭିବୃଦ୍ଧିକୁ ବାଧା ଦେବା ସ୍ୱାଭାବିକ ବୋଲି ମୁଡିସ୍ ଏହାର ରିପୋର୍ଟରେ ଉଲ୍ଲେଖ କରିଛି ।

# ଅର୍ଥନୀତି ସମାନତା ଉପରେ ଧ୍ୟାନ କେନ୍ଦ୍ରିତ କରିବାର ସମୟ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଯଦି ବର୍ତ୍ତମାନ ବିଭିନ୍ନ ସମ୍ବାଦପତ୍ର ଓ ବୈଦୁତିକ ଗଣମାଧ୍ୟମର ରିପୋର୍ଟକୁ ଅନୁଧ୍ୟାନ କରିବା ତେବେ ଏହା ସ୍ପଷ୍ଟ ହେବ ଯେ ଦିନକୁ ଦିନ ଭାରତର ଆର୍ଥିକ ସ୍ଥିତି ଚିନ୍ତାଜନକ ହେବାରେ ଲାଗିଛି । ଆର୍ଥିକ ବର୍ଷ ୨୦୨୩-୨୪ ରେ ଜି.ଡି.ପି ଅନୁସାରେ ଭାରତର ଆୟରେ ୭.୪ ପ୍ରତିଶତ ବୃଦ୍ଧି ଘଟିଛି କିନ୍ତୁ ଏହା ୨୦୦୩ ରୁ ୨୦୧୧ ମଧ୍ୟରେ ଥିବା ଭାରତର ଆୟ ତୁଳନାରେ କମ୍ ଅଛି । ୨୦୦୮ ମସିହାକୁ ଛାଡି ଯେତେବେଳେ ପୁରା ଦୁନିଆଁ ବିଷାଦ ଗ୍ରସ୍ତ ଥିଲା ସେ ସମୟରେ ଭାରତ ଲଗାତାର ପ୍ରତ୍ୟେକ ବର୍ଷ ୮ ପ୍ରତିଶତ ବୃଦ୍ଧି ହାସଲ କରିଥିଲା । ତେଣୁ ବର୍ତ୍ତମାନ ଅବସ୍ଥାରେ ୭.୬ ପ୍ରତିଶତ ଆର୍ଥିକ ବୃଦ୍ଧି ପ୍ରଶଂସନୀୟ । କିନ୍ତୁ ଆମେ ଯଦି ଟିକେ ନିମ୍ନକୁ ଯାଇ ବିଶ୍ଳେଷଣ କରିବା ତେବେ ସ୍ପଷ୍ଟ ଅନୁମେୟ ହେବଯେ ବିଶେଷ ଧନୀକ ଶ୍ରେଣୀର ଏକ ଛୋଟ ଅଂଶକୁ ଛାଡି ଦେଲେ ଅଧିକାଂଶ ଭାରତୀୟଙ୍କର ଅତି କଷ୍ଟରେ ସାମାନ୍ୟ ଆର୍ଥିକ ବୃଦ୍ଧି ହେବାର ଦେଖା ଯାଉଛି । ଏହାଛଡା ୧୯୯୦ ଦଶକର ମଧ୍ୟ ଭାଗରେ ଭାରତର ଆର୍ଥିକ ଅସମାନତା ଯୋଗୁଏହାର ମୂଳଦୁଆ କମ୍‌ଜୋର ହେବାରେ ଲାଗିଥିଲା । ବିଗତ ବର୍ଷ "ଇଣ୍ଟର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଫର ଏନଭାୟାରମେଣ୍ଟ ଆଣ୍ଡ ଡେଭଲପମେଣ୍ଟ"ର ଏକ ତଥ୍ୟ ଆଧାରରେ ଜଣାପଡେ କୃଷକ ମାନଙ୍କର ଆତ୍ମହତ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ୨୦୨୨ ରେ ଏହା ଶୀର୍ଷ ସ୍ଥାନକୁ ଉଠିଥିଲା । ଋଣ ଓ ଗରିବୀ ତଳେ ଚାପି ହୋଇ ୧୧,୨୯୦ କୃଷକ ଆତ୍ମହତ୍ୟା କରିଥିଲେ । କେବଳ ୨୦୧୪ ରୁ ୨୦୨୨ମସିହା ଭିତରେ ୧ଲକ୍ଷରୁ ଅଧିକ କୃଷକ ନିଜର ପ୍ରାଣ ବିସର୍ଜନ କରିଥିଲେ ।

ଦେଶର ଅନ୍ୟ ଏକ ଦିଗକୁ ଅନୁଧ୍ୟାନ କଲେ ଜଣାପଡେ ଦେଶର ଅର୍ଥବ୍ୟବସ୍ଥାର ବିକଳ ଚିତ୍ର । ଯାହା ହେଲା 'ବେରୋଜଗାରୀ' ଯୁବବର୍ଗ । ୧୯୯୪ ରେ ଯୁବବେକାରୀ ସଂଖ୍ୟା ଥିଲା ୧୧.୮ ପ୍ରତିଶତ । ଏହି ସଂଖ୍ୟା କ୍ରମଶଃ ୨୦୧୮ ମସିହାରେ ବଢି ୨୫.୯ ପ୍ରତିଶତ ଯୁବକ ରୋଜଗାର ପାଇଁ ଚାକିରି ଅନ୍ୱେଷଣ କରୁଥିଲା ବେଳେ ତାଙ୍କୁ ହତାଶ ହେବାକୁ ପଡୁଛି । ଯଦିଓ ବର୍ତ୍ତମାନ ତାର ସଂଖ୍ୟାରେ ସାମାନ୍ୟ ହ୍ରାସ ପାଇଛି ତେବେ ମଧ ଭାରତର ଯୁବବର୍ଗ ବେରୋଜଗାରୀ ଦୁନିଆଁରେ ସବୁଠାରୁ ଅଧିକ । ବର୍ତ୍ତମାନ ବେରୋଜଗାରୀ ଯୁବବର୍ଗଙ୍କ ସଂଖ୍ୟା ଭାରତରେ ୬.୮ ପ୍ରତିଶତ ଅଛି ଯାହା ଗତ ଡିସେମ୍ବରରେ ୮.୭ ପ୍ରତିଶତ ଥିଲା । ବିଶେଷକରି ଶିକ୍ଷିତ ଯୁବ ବର୍ଗଙ୍କ ପାଇଁ ସ୍ଥିତି ଅତ୍ୟନ୍ତ ଜଟିଳ ଓ ଚିନ୍ତାଜନକ । ୨୦୨୨ ରେ ସ୍ନାତକ ଶିକ୍ଷା ଲାଭ କରିଥିବା ବେରୋଜଗାରୀ ଯୁବବର୍ଗଙ୍କ ସଂଖ୍ୟା ୨୯.୧ ପ୍ରତିଶତ ଯାହା ସ୍ୱତନ୍ତ୍ର ଭାରତରେ ସର୍ବାଧିକ । ୨୦ ରୁ ୨୪ ବର୍ଷ ବୟସର ବେକାର ଯୁବ ବର୍ଗଙ୍କ ସଂଖ୍ୟା ୪୪.୪୯ ପ୍ରତିଶତ । ୨୫ ରୁ ୨୯ ବର୍ଷ ବୟସର ଯୁବ ବେରୋଜଗାରୀ ଙ୍କ ସଂଖ୍ୟା ୧୪.୩୩ ପ୍ରତିଶତ । ଅକ୍ଟୋବରଠୁ ଡିସେମ୍ବର ୨୦୨୩ ମଧରେ ଯାହା ପୂର୍ବ ତିନି ମାସରେ ୧୩.୩୫ ପ୍ରତିଶତ ଥିଲା ।

ଏହା ଛଡା ଆଉ ଏକ ଚିନ୍ତାଜନକ କଥା ଯାହା ଉପରେ ବିଶେଷଧ୍ୟାନ ଦିଆ ଯାଉନାହିଁ । ଯାହାହେଲା 'ନିବେଶ ଦର ବା ବିନିଯୋଗ ଦର' ଯାହା ହେଉଛି ଦେଶର ଏପରି ଏକ ଭାଗ ଯାହାକୁ ଦେଶ ତଥା ରାଜ୍ୟର କଳ କାରଖାନା, ସଡକ, ଗମନା ଗମନ, ମେସିନ ତଥା ମାନବ ପୁଞ୍ଜିରେ ବିନିଯୋଗ କରା ଯାଇଥାଏ । ଆମେ ଉପରୋକ୍ତ ଏହି ସୂଚୀରୁ କିଛି ଚର୍ଚ୍ଚା ବିଶେଷ ଭାବରେ ଗଣମାଧ୍ୟମ ପୃଷ୍ଠାରେ ଦେଖିବାକୁ ପାଉଛୁ । ଭାରତର ବନ୍ଦର ନିର୍ମାଣ ଓ ବିମାନ ଆଡା କ୍ଷେତ୍ରରେ ଭାରତର ପ୍ରଦର୍ଶନ ପ୍ରଣିଧାନ ଯୋଗ୍ୟ । ଯଦି ଆମ ନେତୃବର୍ଗ ଏ ସବୁର ଶ୍ରେୟ ନେଉଛନ୍ତି ତେବେ ଏହିସବୁ କ୍ଷେତ୍ରରେ ଶିକ୍ଷିତ ଯୁବବର୍ଗଙ୍କୁ କାହିଁକି ନିଯୁକ୍ତି ମିଳୁନି ଯାହା ଏକ ପ୍ରଶ୍ନବାଚୀ । ଉଚ୍ଚ ବିନିଯୋଗ ଦର ଦୀର୍ଘକାଳୀନ ବିକାଶର ମହତ୍ୱପୂର୍ଣ୍ଣ ଚାଳକ ଅଟେ । ଭାରତର ନିବେଶ ଦର ୨୦୦୬ ରେ ୩୮ ପ୍ରତିଶତକୁ ଟପି ଯାଇଥିଲା ଯାହା ୨୦୧୩ ସୁଦ୍ଧା ତଳକୁ ଖସିନଥିଲା । ସେହି ସମୟରେ ଭାରତର ବିନିଯୋଗ ଦୁନିଆଁରେ ସବୁଠୁ ବର୍ଦ୍ଧିତ ଅର୍ଥବ୍ୟବସ୍ଥାର ବରାବର ଥିଲା । କିନ୍ତୁ କ୍ରମାନ୍ୱୟରେ ଏହି ବର୍ଦ୍ଧିତ ହାରରେ ଦିନକୁଦିନ ହ୍ରାସ ହେବାର ଦେଖିବାକୁ ମିଳୁଛି ଯାହା ସରକାରଙ୍କ ଆର୍ଥିକ ସର୍ବେକ୍ଷଣ ତଥ୍ୟ କହେ । ୨୦୨୨-୨୩ ସୁଦ୍ଧା ଏହାର ସଂଖ୍ୟା ହ୍ରାସ ପାଇ ୨୭.୯ ପ୍ରତିଶତକୁ ଆସିଯାଇଛି । ଏଭଳି ହେବାର କାରଣ କ'ଣ? ୨୦୧୮ ମାର୍ଚ୍ଚରେ ପ୍ରକାଶିତ ବିଶ୍ୱ ବିଶମତା ଲ୍ୟାବର ତଥ୍ୟକୁ ଅନୁଧ୍ୟାନ କଲେ ଏହାର କାରଣ ଜଣା ପଡିଯାଏ । ଏଥିରୁ ଜଣାପଡୁଛି ଯେ ଭାରତରେ ଅସମାନତା ଦୀର୍ଘବର୍ଷ ଧରି ଅଧିକ ରହିଛି । ଏବଂ ତାହା ଏକ ନୂତନ ଶିଖରକୁ ପହଞ୍ଚି ଯାଇଛି । ସବୁଠୁ ଧନୀ ୧ ପ୍ରତିଶତ ଭାରତୀୟଙ୍କ ପାଖରେ ଦେଶ ଆୟର ୨୨.୬ ପ୍ରତିଶତ ଆୟ ଠୁଳ ହୋଇଛି । ବିଗତ ୧୦୦ ବର୍ଷ ତୁଳନାରେ ଏହା ସବୁଠାରୁ ଅଧିକ ବିନିଯୋଗ ଅଟେ । ବିଗତ ଦିନରେ ୧୯୩୦ ଦଶକରେ ଆମେ ଏହାର ନିକଟବର୍ତ୍ତୀ ହୋଇଥିଲୁ । ସେତେବେଳେ ଔପନିବେଶିକ ଶାସନ ଥିଲା । ତଥ୍ୟ ଆଧାରରେ ଏହା ବଡ ବଡ ବ୍ୟବସାୟୀ ଓ ସରକାରଙ୍କ ମଧ୍ୟରେ ବୁଝାବଣା ଯୋଗୁ ସମ୍ଭବ ଥିଲା । ଭାରତରେ ଦୀର୍ଘଦିନ ଧରି କ୍ରୋନିଜିମ୍ (cronyism) ଥିଲା କିନ୍ତୁ ବର୍ତ୍ତମାନ ଏହା ଏକ ନୂତନ ଊର୍ଦ୍ଧ୍ୱକୁ ପହଞ୍ଚିଛି ଯାହାର ତୁଳନା ମଧ୍ୟ ପ୍ରାଚ୍ୟ ଦେଶ ପାକିସ୍ଥାନ, ଫିଲିପିନ୍ସ ଆଦିରେ ଅତୀତରେ ଦେଖାଯାଇଥିବା କ୍ରୋନଜିମ ସହ ସମାନ । 'ଟାଇମ' ମ୍ୟାଗାଜିନ ୨୭ ମାର୍ଚ୍ଚରେ ପ୍ରକାଶିତ ତଥ୍ୟ ଅନୁସାରେ ଭାରତର ବିଷମତାର ସ୍ତର ଆମେରିକା, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାରୁ ମଧ୍ୟ ଅଧିକ । ଏହାର କାରଣ ଆମେ ଏହାର ମୂଳ ଆଧାରକୁ ବିଚାର ନକରି କେବଳ ଗଣମାଧ୍ୟମ ତଥ୍ୟ ଉପରେ ନିଜକୁ କେନ୍ଦ୍ରିତ କରିଛୁ । ଆମେ ପ୍ରାଣ ପଣେ ଉଦ୍ୟମ କରୁଛୁ କିପରି ଆମ ଦେଶ ୫ ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥାରେ ପହଞ୍ଚିବ । ରାଷ୍ଟ୍ରୀୟ ଆୟ ତୁଳନାରେ କିପରି ଜର୍ମାନୀକୁ ଟପିବ । କିନ୍ତୁ ଆମ ନେତୃବର୍ଗ କେବେହେଲେ ନିମ୍ନସ୍ତରର ଜନସାଧାରଣଙ୍କ ମଧ୍ୟରେ କିପରି ଏହି ଅର୍ଥ ସମାନଭାବରେ ବିତରଣ ହୋଇପାରିବ ଏବଂ ଗରିବର ସ୍ଥିତ ବଦଳିବ ଏହା ଉପରେ ଧ୍ୟାନ ଦେଇନାହାଁନ୍ତି । ଗାନ୍ଧିଜୀ ଦିନେ କହିଥିଲେ ଆମ ନେତୃବର୍ଗ ବିକାଶର ଚିନ୍ତା କରିବା ଆଗରୁ ସବୁଠାରୁ ଗରୀବ ଓ କମଯୋର ଲୋକର ମୁଖକୁ ମନେପକାଇ ନିଜ ହୃଦୟକୁ ପ୍ରଶ୍ନ କରୁ ଯେ ସେ ଉଠାଉ ଥିବା ପଦକ୍ଷେପ ଗରୀବ ଲୋକଙ୍କ ପାଇଁ କେତେଦୁର ସହାୟକ? ତେବେ ଦେଶ ତଥା ରାଜ୍ୟରୁ ଆର୍ଥିକ ଅସମାନତା ଦୂର ହୋଇପାରିବ ବୋଲି ଆଶା ।

# ମେଘ କୋଳରେ ଖରା-୪

**ସୁପ୍ରଭା ରାୟ**



ଇନ୍ଦ୍ରନାଥଙ୍କ ଆଖି ଯୋଡ଼ିକ ମୁଦ୍ରିତ। ଦେହରେ ହାଫ୍ ହାତର ପତଳା ପଞ୍ଜାବି ଏବଂ ପାଇଜାମା। ଶିଞ୍ଜିନୀର ପାଦ ଶବ୍ଦ ତାଙ୍କ କାନକୁ ଯାଇ ନାହିଁ । ଶୋଇଛନ୍ତି ନା କ'ଣ ? ତାଙ୍କୁ ଉଠାଇବା କ'ଣ ଠିକ୍ ହେବ ? ଟିକିଏ ଇତଃସ୍ତତଃ ହେଲା ଶିଞ୍ଜିନୀ । ତା'ପରେ ଧୀର ଗଳାରେ ଡ଼ାକିଲା, ଅଜା'-

ଗୋଟାଏ ଡାକରେ ହିଁ ଆଖି ମେଲି ଚାହିଁଲେ ଇନ୍ଦ୍ରନାଥ । ନାତୁଣୀକୁ ଦେଖି ଦୁଇ କହୁଣିରେ ଭରା ଦେଇ ଉଠି ବସିବାକୁ ଚାହିଁଲେ ସେ। ଶିଞ୍ଜିନୀ ବ୍ୟସ୍ତ ହେଇ କହିଲା, 'ଉଠ ନାହିଁ, ଉଠ ନାହିଁ, ଶୋଇ ଥାଅ- ।' ନାତୁଣୀର ଆପତ୍ତି କାନକୁ ନେଲେ ନାହିଁ ଇନ୍ଦ୍ରନାଥ। ରୀତିମତ କଷ୍ଟ କରି ପିଠି ପଟେ ତକିଆ ରଖି ଖଟ ବାଡ଼ାରେ ଆଉଜି ହେଇ ବସିଲେ । ଏଇ ସାମାନ୍ୟ ପରିଶ୍ରମରେ ଅଣନିଃଶ୍ୱାସୀ ହେଇ ଉଠିଲେ। ଜୋରେ ଜୋରେ ନିଃଶ୍ୱାସ ଟାଣି କିଛିଟା ଧାତସ୍ଥ ହେଲେ ।

ରଙ୍ଗ ମାଟି ଖସି ଗଲେ ପ୍ରତିମାର ଯେଉଁ ଆକୃତି ପଡ଼ିଥାଏ, ଇନ୍ଦ୍ରନାଥ ଅବିକଳ ସେଇଆ। ଶୀର୍ଣ୍ଣ, ନିର୍ଜୀବ। ହାଡ଼ ଉପରେ ଖୋଳପା ପରି ଢ଼ିଲା ଚମଡ଼ାରେ ଆବୃତ। ମୁହଁଟା ଶୁଖି ସରୁ ହେଇ ଯାଇଛି । ସାରା ଦେହରେ ଅଜସ୍ର ଯନ୍ତ୍ରଣା। ଆଖି ତଳେ କାଳିର ଛାପ । ମାଂସ ଶୁଖି ଯିବାରୁ ତୀକ୍ଷ୍ଣ ଚିବୁକଟା ଠେଲି ବାହାରି ଆସିଛି।

ଦୁଇବର୍ଷ ପୂର୍ବେ ଗୋଟାଏ ବଡ଼ ଧରଣର ଷ୍ଟ୍ରୋକ୍ ହେଇଥିଲା । ମାସିଭ ହାର୍ଟ ଆଟାକ୍ । ତା'ପରେ ସେରିବ୍ରେଲ୍ ଆଘାତରେ ବାମ ପଟଟା ଅବଶ ହେଇଯାଏ। ତା'ପରେ ଆରମ୍ଭ ହେଇ ଯାଏ ଶହ ଶହ ଟାବଲେଟ୍, ଇନ୍‌ଜେକ୍‌ସନ। ନିୟମିତ ଇ.ସି.ଜି., ଟି.ଏମ୍.ଟି. କରୋନାରି ଏନ୍‌ଜିଓଗ୍ରାଫି। ଡ଼ାକ୍ତର, ଆୟା, ଅବିରାମ ଶୁଶ୍ରୂଷା। ଇନ୍ଦ୍ରନାଥଙ୍କ ମୁଣ୍ଡ ପାଖରେ ବସି ମୃଦୁଳା ଏବଂ ଶିଞ୍ଜିନୀଙ୍କର ରାତି ଅନିଦ୍ରା। ଏମିତି କେତେ କ'ଣ, ଆଶା ନ ଥିଲା, ନିହାତି ପରମାୟୁ ଜୋରରେ ବଞ୍ଚିଗଲେ ଇନ୍ଦ୍ରନାଥ। ପକ୍ଷାଘାତରେ ଅବଶ ପଟଟାକୁ ସକ୍ରିୟ କରିବା ପାଇଁ କ'ଣ ନା ଉଦ୍ୟମ ହେଇଛି !

ଆଟାକର ଧକ୍କା କିଛିଟା ସମ୍ଭାଳିବା ପରେ ଫିଜିଓଥେରାପିଷ୍ଟଙ୍କୁ ଡ଼କା ହେଇଥିଲା। ପ୍ରଥମେ ପ୍ରଥମେ ରୋଜ ଆସି ସେ ମ୍ୟାସେଜ୍ ଏବଂ ଏକ୍ସରସାଇଜ୍ କରାଉଥିଲେ ଇନ୍ଦ୍ରନାଥଙ୍କୁ। ବର୍ତ୍ତମାନ ସପ୍ତାହରେ ତିନି ଦିନ ଆସୁଛନ୍ତି। ପ୍ରାୟ ଦୁଇମାସ ହେଲା ଅବଶ ଭାବଟା ଅନେକାଂଶରେ କମି ଯାଇଛି। ଅଣ୍ଟା ଠାରୁ ଗୋଡ଼ ଯାଏ ଭଲ ଭାବରେ ହିଁ ଚଲାଇ ପାରନ୍ତି ଇନ୍ଦ୍ରନାଥ । ଧରି ଧରି ଦୁଇବେଳା କେତେ ମିନିଟ୍ ପାଇଁ ତାଙ୍କୁ ଚଲାଇ ଚଲାଇ ନିଆଯାଏ। ଆଉ କିଛିଦିନ ପରେ ଘର ବାହାରକୁ ଯିବା ପାଇଁ ଡ଼ାକ୍ତରମାନେ କେବେ ଅନୁମତି ଦେବେ, କେଜାଣି ! ସମ୍ଭବତଃ ଅନ୍ୟର ସାହାଯ୍ୟ ଛଡ଼ା ଚାଲି ପାରିବେ ସେ । ଅବଶ୍ୟ ଘର ଭିତରେ।

ଇନ୍ଦ୍ରନାଥ କହିଲେ 'ସ୍କୁଲ ଡ୍ରେସ୍ ଏବେବି ଖୋଲା ହେଇ ନାହିଁ ଦେଖୁଛି ।

ସିଧା ମୋ ରୁମ୍‌କୁ ଚାଲି ଆସିଲୁ ବୋଧହୁଏ !"

ଧୀରେ ମୁଣ୍ଡ ହଲାଏ ଶିଞ୍ଜିନୀ ।

ଇନ୍ଦ୍ରନାଥ କହିଲେ, 'ଠିକ୍ ଅଛି, ଦୁଇମିନିଟ୍ ବସ୍ । ତା'ପରେ ଯାଇ ଚେଞ୍ଜ କରି ନେବୁ।' ଆଙ୍ଗୁଳି ବଢ଼ାଇ ଖଟର ଗୋଟାଏ କୋଣ ଦେଖାଇ ଦେଲେ ।

ରୁଗ୍ଣ, ଅଶକ୍ତ, ଏତେ ଶୀଘ୍ର କ୍ଷୟ ହେଇ ଯାଇଥିବା ମଣିଷଟି ମଝିରେ କେଉଁଠି ଯେମିତି ବ୍ୟକ୍ତିତ୍ୱର ସାମାନ୍ୟ ଟିକିଏ ତଳସ୍ତର ଏବେବି ପଡ଼ି ରହିଛି । ତାଙ୍କର ଅନୁରୋଧ ବା ହୁକୁମ୍, ଅମାନ୍ୟ କରାଯାଇ ପାରେ ନାହିଁ। ପିଠିରୁ ବ୍ୟାଗଟା ଓହ୍ଲାଇ ସନ୍ତ୍ରମତା ସହ ବସିଲା ଶିଞ୍ଜିନୀ। ଇନ୍ଦ୍ରନାଥ ଏଥର କ'ଣ କହିବେ, ସେଇଟା ତା'ର ଜଣା। ସସଙ୍କୋଚରେ କହିଲା, 'ଛୁଟି ପରେ ବଡ଼ ରାସ୍ତା ଉପରେ ଆସି ଛିଡ଼ା ହେଇଛି ତ ହେଇଛି । ଅନେକ ସମୟ ପରେ ମିନିବସ୍ ଆସିଲା। ସବୁଗୁଡ଼ାକ କ୍ରସିଂରେ ଭୀଷଣ ଜାମ୍। ସେଥିପାଇଁ ଘରକୁ ଫେରିବା ଡ଼େରି ହେଇଗଲା।' ସ୍ୱର୍ଣ୍ଣାଳୀର କଥା ଶୁଣୁ ଶୁଣୁ ଯେ କିଛିଟା ସମୟ ନଷ୍ଟ ହେଇଛି, ତାହା ତ ଆଉ ଅଜାଙ୍କୁ କୁହା ଯାଇ ପାରେ ନାହିଁ ।

ନିସ୍ତେଜ ଆଖିରେ କେତୋଟି ମୁହୂର୍ତ୍ତ ନାତୁଣୀ ଆଡ଼କୁ ଚାହିଁ ରହିଲେ ଇନ୍ଦ୍ରନାଥ । କହିଲେ, ତୁ ଯେତେ ବେଳ ଯାଏ ଫେରି ନ ଆସିଛୁ, ମୋର ଯେ କି ଉକ୍ଣ୍ଠା ହୁଏ, ସେଇଟା କ'ଣ ତୁ ବୁଝି ପାରିବୁ ?"

"ପ୍ରତିଦିନ ତ ଠିକ୍ ସମୟରେ ଫେରି ଆସେ। ଯେଉଁ ଯେଉଁ ଦିନ କୋଚିଂ କ୍ଲାସକୁ ଯାଏ, ଫେରିବାକୁ ଡ଼େରି ହୁଏ। ରାସ୍ତା ଜାମ୍ ଥିଲେ ମୁଁ ଆଉ କ'ଣ କରିପାରେ ?"

"ଜାମ୍‌ର ଦୋଷ ଦେବା କଥା ନୁହେଁ। ଖବର କାଗଜ ପଢ଼େ, ପରିବେଶ ପୂରା ନଷ୍ଟ ହେଇ ଯାଇଛି । ତୋ ବୟସର ଝିଅମାନଙ୍କର ପଦେ ପଦେ ବିପଦ।' ଇନ୍ଦ୍ରନାଥ କ'ଣ ତା' କଥା ବିଶ୍ୱାସ କରି ନାହାଁନ୍ତି ? ଟିକିଏ ଜୋର ଦେଇ ଶିଞ୍ଜିନୀ କହିଲା, 'ତୁମେ ତ ଘରୁ ବାହାରକୁ ଯାଅ ନାହିଁ । କଲିକତା ଟ୍ରାଫିକ୍‌ର କି ଅବସ୍ଥା ହେଇଛି, ତୁମର ଧାରଣା ନାହିଁ ।'

ଇନ୍ଦ୍ରନାଥ କହିଲେ, 'ଆଛା, ଆଛା । ଯାଆ- ଏବେ ହାତ ମୁହଁ ଧୋଇ କିଛି ଖାଇନେ । ଟିକିଏ ରେଷ୍ଟ ନେବା ପରେ ଆସିବୁ ତୋ ସାଙ୍ଗରେ କିଛି କଥା ଅଛି ।' ଉଠି ଛିଡ଼ା ହେଉ ହେଉ ଶିଞ୍ଜିନୀ କହିଲା, 'କି କଥା ??

'ତରତର ହେବା ଦରକାର ନାହିଁ । ମାଳତୀକୁ କହିବି ସେ ତୋତେ ଡ଼ାକି ଆଣିବ। ସେତେବେଳେ ଶୁଣିବୁ।

ଦୋତାଲାରେ ପାଖାପାଖି ତିନିଟା ରୁମ୍। ସାମନାରେ ରେଲିଂ ଦିଆ ଲମ୍ବା ବାରଣ୍ଡା। ଶିଞ୍ଜିନୀର ରୁମଟା-ବାରଣ୍ଡାର ଶେଷ ମୁଣ୍ଡରେ। ଇନ୍ଦ୍ରନାଥଙ୍କ ଘରୁ ବାହାରି ପୁଣି ଜୋତା ପିନ୍ଧି ତା'ର ରୁମକୁ ଚାଲି ଆସିଲା ସେ।

ଗୋଟାଏ ପଟରେ ସିଙ୍ଗଲ୍- ବେଡ୍ ଖଟରେ ଧବଧବ, ବିଛଣା, ଅନ୍ୟ ପଟେ ପଢ଼ାଶୁଣା ପାଇଁ ଟେବୁଲ-ଚେୟାର। ଲୁଗାପଟା ରଖିବା ପାଇଁ ଗୋଟାଏ ଆଲମାରି। ବହିର ର୍ୟାକ୍। ମୁଣ୍ଡ ଉପରେ ମାନ୍ଧାତା ଅମଳର ଚାରି ବ୍ଲେଡ୍ ବାଲା ଫ୍ୟାନ୍ ।

ସ୍କୁଲ ଜୋତା ମୋଜା ଖୋଲି କାନ୍ଥକୁ ଲଗାଇ ରଖିଦେଲା ଶିଞ୍ଜିନୀ । ବହିର ବ୍ୟାଗଟା ରଖିଲା ପଢ଼ା ଟେବୁଲ୍ ଉପରେ। ଆଲମାରିରୁ ଲମ୍ବା ସ୍କର୍ଟ ଆଉ ଢ଼ିଲା ଜାମା ବାହାର କରି ବାଥରୁମ୍‌କୁ ପଶିଗଲା। ପୁରୁଣା କାଳର ହେଲେ ମଧ୍ୟ ପ୍ରତିଟି ବେଡ୍‌ରୁମ୍ ସହ ଆଟାଚ୍ ବାଥରୁମ୍ ଅଛି ।

ପ୍ରାୟ ପନ୍ଦର ମିନିଟ୍ ପରେ ଗାଧୋଇ ପୋଷାକ ବଦଳାଇ ଶିଞ୍ଜିନୀ ଯେତେବେଳେ ବାଥରୁମ୍ ବାହାରି ଆସିଲା, ସେତେବେଳେ ନିଜକୁ ବେଶ୍ ତାଜା ଲାଗୁଛି। ଏଇ ସମୟଟା ବିଶେଷ କରି ଦିନ ବେଳା ଅସହ୍ୟ ଗରମରେ ଦେହର ଚମଡ଼ା ଯେମିତି ସିଝି ଯାଏ। ସ୍କୁଲରୁ ଫେରିଲା ପରେ ଆଉ ଥରେ ନ ଗାଧୋଇଲେ ଭୀଷଣ ଅସ୍ଥିର ଲାଗେ।

ତଉଲିଆରେ ଭଲ କରି ମୁଣ୍ଡ ପୋଛି, ପାନିଆରେ କୁଣ୍ଡାଇ, ଫ୍ୟାନ୍ ଚଲାଇ ବିଛଣା ଉପରେ ଶୋଇ ପଡ଼ିଲା ଶିଞ୍ଜିନୀ। ତା'ର ମୁଣ୍ଡ ପଟେ ବିରାଟ ବିରାଟ ଝରକା ଦୁଇଟା । ଡ଼ାହାଣ ପଟେ ମଧ୍ୟ ଠିକ୍ ସେଇପରି ଦୁଇଟା ଝରକା ।

କିଛି ସମୟ ଆଖି ଉପରେ ଦୁଇ ହାତକୁ ରଖି ଚୁପ୍‌ଚାପ୍ ପଡ଼ି ରହିଲା ଶିଞ୍ଜିନୀ। ତା'ପରେ ଛାତି ଉପରେ ତକିଆକୁ ଚାପି ମୁଣ୍ଡ ପଟ ଝରକା ବାଟେ ବାହାରକୁ ଅନାଁଇଲା। ସେମାନଙ୍କର ଘରର ବାଉଣ୍ଡରି ୱାଲ୍ ପରେ କିଛିଟା ପଡ଼ିଆ ଜମି। ନାନା ପ୍ରକାର ବୁଦାର ଜଙ୍ଗଲ। ଏଇ ଜମିକୁ ଲାଗି ଦଳ ପୂର୍ଣ୍ଣ ଗୋଟାଏ ବିରାଟ ଗାଡ଼ିଆ। ସେଇ ଜାଗା ଗୁଡ଼ାକ ଗୋଟାଏ ସମୟରେ ଜମିଦାର ସରକାର ବାବୁମାନଙ୍କର। ସରକାର ବାବୁମାନଙ୍କୁ କେହି କେବେ ଆଖିରେ ଦେଖି ନାହାଁନ୍ତି । ସେ ଶୁଣିଛି ସେଇ ଫାଙ୍କା ଜମି ଆଉ ଗାଡ଼ିଆଟାକୁ ନେଇ ବହୁ ଦିନ ହେଲା ମାମଲା ଚାଲିଛି।

ଗାଡ଼ିଆର ସେପଟେ ଚାରି-ପାଞ୍ଚଟା ଉଚ୍ଚ ଉଚ୍ଚ ନୂଆ ଘର ତିଆରି ହେଇଛି । ଆଉ କେତୋଟିର କାମ ଚାଲିଛି। ଏଇ କେତେ ବର୍ଷ ମଧ୍ୟରେ ଡ଼ାହାଣ ପଟରେ ମଧ୍ୟ ଛଅ, ସାତଟା ଫ୍ଲାଟ୍ ଘର ତିଆରି ହେଇଛି।

ଯେଉଁପରି ଭାବରେ ଗୋଟାଏ ପରେ ଗୋଟାଏ ସ୍କାଇସ୍କ୍ରାପର ତିଆରି ହେଉଛି ସେଥିରେ ଫାଙ୍କା କମି ବୋଲି ଏଇ ଇଲାକାରେ ଆଉ କିଛି ନ ଥିବ।

ନିହାତି ମକଦ୍ଦମା ଚାଲିଛି ବୋଲି, ସେଥିପାଇଁ ମୁଣ୍ଡ ପଟର ପଡ଼ିଆ, ଅନାବନା ବୁଦା ଜଙ୍ଗଲ ଜାଗାଟା ଏବଂ ଗାଡ଼ିଆଟା ମଧ୍ୟ ତିଷ୍ଠି ରହି ପାରିଛି। ନହେଲେ କେବେଠାରୁ ହାଇ-ରାଇଜରେ ଏଇ ଜାଗାଟା ଛାଇ ହେଇ ଯାଇ ଥାଆନ୍ତା। ଆକାଶ ଆଉ ଦିଶିନଥାଆନ୍ତା, ହୁ ହୁ ହେଇ ଯେଉଁ ପବନ ଆସେ ତା' ମଧ୍ୟ ବନ୍ଦ ହେଇ ଯାଆନ୍ତା। ଶିଞ୍ଜିନୀ ଆଗେ ବହୁତ ଥର ଭାବିଛି, ସରକାରମାନଙ୍କ ମାମ୍‌ଲାଟା ଚିରଦିନ ଚାଲୁ ରହୁ। ସେମାନଙ୍କ ଘରର ସେପଟଟା ବରାବର ଫାଙ୍କା ଥାଉ।

ସ୍କୁଲ ଛୁଟି ପରେ ଶିଞ୍ଜିନୀର ଆଖିରେ ପଡ଼ିଥିଲା, ପଶ୍ଚିମ ଆକାଶରେ ଘନ କଳା ମେଘ ଢ଼ାଙ୍କି ଆସୁଛି। କିନ୍ତୁ ଏବେ ସେଇ ମେଘ ଖଣ୍ଡ ଖଣ୍ଡ ହେଇ ବିଛାଡ଼ି ହେଇ ପଡ଼ିଛି। ଆପାତତଃ ବର୍ଷାର ସମ୍ଭାବନା ନାହିଁ। ମେଘ, ଅଦୂରରେ ଫାଙ୍କା ଜମି, ବା ଗଗନଚୁମ୍ବୀ ପ୍ରାସାଦ- କିଛି ଯେମିତି ଦେଖି ପାରୁ ନ ଥିଲା ଶିଞ୍ଜିନୀ । ସେଇ ଚିନ୍ତାଟା ତା' ମୁଣ୍ଡରେ ପୁଣି ଫେରି ଆସିଛି। ମା'ଙ୍କ ସାଙ୍ଗରେ ସେ ଲୋକଟି କିଏ ? ତାଙ୍କ ସାଙ୍ଗରେ ମା'ଙ୍କର ସମ୍ପର୍କ କେତେ ଗଭୀର ? ନୂଆ କରି ପରିଚିତ ଲୋକବାକଙ୍କର ମୁହଁ ଭାବିବାକୁ ଚେଷ୍ଟା କଲା ସେ। କିନ୍ତୁ ନା, ସ୍ୱର୍ଣାଳୀର ବର୍ଣ୍ଣନା ସାଙ୍ଗରେ କାହାରିକୁ ମିଶାଇ ପାରୁ ନାହିଁ ସେ । (କ୍ରମଶଃ)

## ଶିଶୁ କବିତା

## ଭାରି ଭଲଲାଗେ ସକାଳୁଆ ସ୍କୁଲ

**ଜୟକୃଷ୍ଣ ସାହୁ**

ଶୀତ ଚାଲିଗଲା ମଳୟ ଲୁଚିଲା
ଖରା ଆସି କରେ ନାଟ
ସକାଳୁଆ ସ୍କୁଲ ହୋଇଲାଣି ଏବେ
ଯିବୁ ପଢ଼ିବାକୁ ପାଠ,
ବ୍ୟାଗ ବସ୍ତାନି ଧରି,
ଖୁସିବାସୀ ହୋଇ ବିଦ୍ୟାଳୟ ଯିବୁ
ଟିକିଏ ନକରି ଡ଼େରି।
ଖରା ଦିନଟାରେ ସକାଳୁଆ ସ୍କୁଲ
ଭାରି ଭଲ ଲାଗେ ମୋତେ
ଫେରିଲା ବେଳକୁ ଟିକେ କଷ୍ଟ ଲାଗେ
ଖରା ଟାଣ ହୁଏ ଯେତେ
ପହଞ୍ଚିଲେ ଆସି ଘରେ,
ବୁଲି ବାହାରିଲେ ଖରାକୁ ଟିକିଏ
ମାମା ମୋ ବାରଣ କରେ।
ବରଷ ଶେଷରେ ବାର୍ଷିକ ପରୀକ୍ଷା
ଆସିଲାଣି ପାଖ ହୋଇ
ବର୍ଷ ଆରମ୍ଭରୁ ପଢିଅଛି ପାଠ
ପରୀକ୍ଷାକୁ ଡର ନାହିଁ
ସବୁ ରଖିଅଛି ମନେ,
ପରୀକ୍ଷାରେ ପ୍ରଶ୍ନ ପତ୍ର ପାଇ ମୁଁ
ଲେଖିଯିବି ଏକ ଧାନେ।
ସରିଲେ ପରୀକ୍ଷା ମନ ହେବ ହାଲ୍କା
ବୁଲିଯିବି ମାମୁଘର
ଅଜା ଆଈ ମାମୁ ମାଇଁଙ୍କୁ ଭେଟିଲେ
ମନ ଖୁସି ହେବ ମୋର
କଟାଇ ମୁଁ ଖରା ଛୁଟି,
ଫେରି ଆସିବି ମୁଁ ଘରକୁ ଆମର
ମାମା ଚାହିଁଥିବ ଏଠି।



କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

## ଯୁଦ୍ଧ ବନ୍ଦ୍ ହେଉ

**ନୀଳମଣି ଚାନ୍ଦ**

ପଚ୍ଚୁ ପଚ୍ଛେ ସପ
କହିବିନି କନମାମା
ତୋତେ ଯୁଦ୍ଧ ଗପ ।

କୁନି ପିଲା ଯେତେ
ଯୁଦ୍ଧ ଭାରି ଭୟଙ୍କର
ସେ ବୁଝିବେ କେତେ ?

ମଧ୍ୟ ପ୍ରାଚ୍ୟଟିରେ
ଘମାଘୋଟ ଯୁଦ୍ଧ ଚାଲେ
ଦେଖୁ ଟିଭିଟିରେ ।

ମିସାଇଲ ମାଡ଼
କରେ ସିଏ କେତେ କ୍ଷତି
ଶୁଣି ଥରେ ହାଡ଼।

ବୁଦ୍ଧ, ଗାନ୍ଧୀ ବାଣୀ
ପ୍ରଚାର କରେନି କେହି
ପାରୁନା ତ ଜାଣି ।

ଯୁଦ୍ଧ ନୁହେଁ ଶାନ୍ତି
ସନ୍ଧି, ବୁଝାମଣା ହେଉ
ଆଜି ଆମ ସାଥୀ ।

ଯୁଦ୍ଧ ଭୟଙ୍କର
ସୂଚାଏ ଇତିହାସଟି
ସ୍ମରଣଟି କର ।

ଯୁଦ୍ଧ ବନ୍ଦ୍ ହେଉ
ଆସ ସବୁ ମିଶି ଏଇ
ସ୍ଲୋଗାନ୍ ଟି ଦେଉ ।

ମନ୍ତମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭



# ଗଙ୍ଗା ଅବବାହିକାରେ ୧୩୦୦ ବର୍ଷରେ ସର୍ବାଧିକ ମରୁଡ଼ି : ଚିନ୍ତାରେ ବୈଜ୍ଞାନିକ

**ନୂଆଦିଲ୍ଲୀ :** ଭାରତରେ ମରୁଡ଼ି ସମସ୍ୟା ଏବେ ଅତ୍ୟନ୍ତ ଗମ୍ଭୀର ହୋଇଛି । ଗଙ୍ଗାନଦୀର ସମତଳ ଅଞ୍ଚଳର କିଛି ଅଂଶ ୨୦୦୯ ମସିହାରୁ ଶୁଷ୍କଭୂମିର ଏକ ବଡ଼ ହଟ୍‌ସ୍ପଟ୍ ହୋଇଛି । ଡିସେମ୍ବର ୨୦୨୫ରେ ଜାରି ଏକ ଅଧ୍ୟୟନ ଅନୁସାରେ, ୧୯୭୧ରୁ ୨୦୨୦ ପର୍ଯ୍ୟନ୍ତ ୬ ବଡ଼ କ୍ଷେତ୍ର- ପଶ୍ଚିମ ଓ ମଧ୍ୟ ଭାରତ, ହିମାଳୟ, ଗଙ୍ଗାର ସମତଳ, ଉପଦ୍ୱୀପ ଓ ଉତ୍ତର-ପୂର୍ବ ଭାରତରେ ମରୁଡ଼ି ସ୍ଥିତି ବଢ଼ିଛି । ଅଧ୍ୟୟନ ଲାଗି ଷ୍ଟାଣ୍ଡାଡାଇଜ୍ଡ ପ୍ରେସିପିଟେଶନ ଇଭାପୋଟ୍ରାନ୍ସପିରେଶନ୍ ଇଣ୍ଡେକ୍ସ ଭଳି ଜଳବାୟୁ ସୂଚକର ପ୍ରୟୋଗ କରାଯାଇଥିଲା । ଏହାର ଫଳ ଆଶ୍ଚର୍ଯ୍ୟଚକିତ ଥିଲା । ଗଙ୍ଗାର ସମତଳ, ହିମାଳୟ ଓ ଉତ୍ତର-ପୂର୍ବ ଭାରତରେ ମରୁଡ଼ି ହାର ଦ୍ରୁତ ବଢୁଛି । ଦୁର୍ବଳ ମୌସୁମୀ ଓ ତାପମାତ୍ରା ବୃଦ୍ଧି ଏହି ସମସ୍ୟାକୁ ଆହୁରି ଗମ୍ଭୀର କରିଛି । ମୌସୁମୀ ସମୟରେ ବର୍ଷା କମିଯାଉଛି । ଅନ୍ୟପକ୍ଷେ ଖରାଦିନେ ବାଷ୍ପ ସୃଷ୍ଟି ହେବାର ବେଗ ବଢ଼ିଛି । ଉଭୟ ଦିନ ଓ ରାତି ତାପମାତ୍ରା ବଢୁଛି । ଆବଶ୍ୟକତାଠୁ ଅଧିକ ଭୂଜଳ ଖର୍ଚ୍ଚ ଓ କ୍ଷେତରେ ଅଧିକ ପାଣି ଆବଶ୍ୟକ କରୁଥିବା ଫସଲ ପାଇଁ ଜଳାଭାବ ଆହୁରି ତୀବ୍ର ହେଉଛି । ଉତ୍ତର-ପୂର୍ବ ଭାରତରେ ପୂର୍ବରୁ ବହୁତ ବର୍ଷା ହେଉଥିଲା, କିନ୍ତୁ ଏବେ ସେଠାରେ ବି ଦୁର୍ବଳ ମୌସୁମୀ ଓ ଗରମ ଜଳ ସମସ୍ୟା ସୃଷ୍ଟି କରିଛି । ସେପ୍ଟେମ୍ବର ୨୦୨୫ରେ ଜାରି ଏକ ଅଧ୍ୟୟନ ସ୍ପଷ୍ଟ କରିଛି, ଗଙ୍ଗା ନଦୀ ଘାଟି ୧୯୯୧-୨୦୨୦ ମଧ୍ୟରେ ବିଗତ ୧୩୦୦ ବର୍ଷର ସବୁଠୁ ତୀବ୍ର ମରୁଡ଼ିର ସମ୍ମୁଖୀନ ହୋଇଥିଲା । ବୃକ୍ଷ ଛାଲରୁ ଜଣାପଡ଼ିଲା, ଏହା ଷୋଡ଼ଶ ଶତାବ୍ଦୀର ମରୁଡ଼ିଠୁ ମଧ୍ୟ ୭୬% ଅଧିକ ଥିଲା । ୟୁନିଭର୍ସିଟି ଅଫ୍ ଏରିଜୋନାର ବୈଜ୍ଞାନିକଙ୍କ ଅନୁସାରେ, ଏହି ମରୁଡ଼ି କେବଳ ପ୍ରାକୃତିକ ନୁହେଁ, ବରଂ ମାନବୀୟ ଗତିବିଧିର ଫଳ । ମରୁଡ଼ି ଏବେ କେବଳ ଜଳ ସମସ୍ୟା ହୋଇ ନାହିଁ । ୟୁନାଇଟେଡ୍ ନେସନ୍ସ ୟୁନିଭର୍ସିଟିର ରିପୋର୍ଟ ଅନୁସାରେ, ଜଳ ଏବେ ରାଷ୍ଟ୍ରୀୟ ସୁରକ୍ଷା ସହ ଜଡ଼ିତ ବିଷୟ ହୋଇଛି । ଉଚିତ୍ ପ୍ରବନ୍ଧନ ନ ହେଲେ ଦେଶ ଦେଶ ମଧ୍ୟରେ ପାଣି ପାଇଁ ଯୁଦ୍ଧ ହୋଇପାରେ । ବୈଜ୍ଞାନିକ କହନ୍ତି, କେବଳ ନୂଆ ଟେକ୍ନୋଲୋଜି ଯଥେଷ୍ଟ ନୁହେଁ । ଡ୍ରିପ୍ ଇରିଗେସନ୍, ସୌର ପମ୍ପ, ପାଣି ସଫା କରି ପୁନଃ ଉପଯୋଗ ଏବଂ ଜଳରୁ ଲବଣ ପୃଥକ କରୁଥିବା ପ୍ଲାଣ୍ଟ ସହାୟକ ହୋଇପାରନ୍ତି । ଭାରତରେ କୃଷିରେ ୮୫% ଜଳ ଉପଯୋଗ ହୁଏ । ସେଥିପାଇଁ ସର୍ବପ୍ରଥମେ ଚାଷର ତରିକା ବଦଳାଇବା ଉଚିତ୍ ।

## ମାଡ଼ି ଆସୁଛି ବିପଦ: ଉତ୍ତାପରୁ ବଢ଼ିବ ହୃଦ୍‌ଘାତ-ମଧୁମେହ

# ୨୦୫୦ ସୁଦ୍ଧା ଅଳସୁଆ ହୋଇଯିବେ ଭାରତୀୟ

**ନୂଆଦିଲ୍ଲୀ :** ବର୍ତ୍ତମାନ ଯେମିତି ଗରମ ହେଉଛି, ଆମ ପିଲାଦିନେ ତା'ଠୁ କମ୍ ଥିଲା । ପୂର୍ବରୁ ପ୍ରତ୍ୟେକ ଋତୁ ପ୍ରାୟ ୪ ମାସର ଥିଲା । କିନ୍ତୁ ବର୍ତ୍ତମାନ ୧୨ ମାସରେ ଅଧିକାଂଶ ମାସ ଗରମ ଅନୁଭୂତ ହେଉଛି । ଏହି ସ୍ଥିତିରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବେ ସିଧା ଆମ ସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଶାରୀରିକ କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଉଛି । 'ଦ ଲାନ୍‌ସେଟ ଗ୍ଲୋବାଲ ହେଲ୍‌ଥ' ପତ୍ରିକାରେ ପ୍ରକାଶିତ ସଦ୍ୟ ଅଧ୍ୟୟନ ଅନୁସାରେ, ୨୦୫୦ ସୁଦ୍ଧା ତାପମାତ୍ରା ନିରନ୍ତର ବୃଦ୍ଧି ପାଇବା ଯୋଗୁ ଲୋକେ ଶାରୀରିକ ରୂପେ ସକ୍ରିୟ ରହିବେ ନାହିଁ । ଏହି ସ୍ଥିତି ଭାରତ ଭଳି ଉଷ୍ଣ ଦେଶ ପାଇଁ ଆହୁରି ବିପଦପୂର୍ଣ୍ଣ ହେବ, କାରଣ ଏଠାରେ ଉତ୍ତାପର ପ୍ରଭାବ ହାରାହାରି ବିଶ୍ୱଠୁ ବହୁତ ଅଧିକ ହେବାର ଅନୁମାନ କରାଯାଉଛି । ଲାନ୍‌ସେଟ ରିପୋର୍ଟରେ ୧୫୬ ଦେଶର ତଥ୍ୟ ବିଶ୍ଲେଷଣ କରାଯାଇଛି । ଏଥିରେ କୁହାଯାଇଛି, ଯଦି କୌଣସି ମାସର ହାରାହାରି ତାପମାତ୍ରା ୨୭.୮ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ହୋଇଯାଏ, ତେବେ ଲୋକଙ୍କ ଶାରୀରିକ ଗତିବିଧି ହ୍ରାସ ପାଏ । ଭାରତରେ ଏହି ସ୍ଥିତି ଆହୁରି ଗମ୍ଭୀର ହୋଇପାରେ । ଅନୁମାନ କରାଯାଉଛି, ୨୦୫୦ ସୁଦ୍ଧା ଭାରତରେ ଶାରୀରିକ ଗତିବିଧିରେ ପ୍ରାୟ ୨ ପ୍ରତିଶତ ବୃଦ୍ଧି ହେବ । ଏହାର ଅର୍ଥ ଲୋକେ ଗରମ ଭୟରେ ବାହାରକୁ ବାହାରିବା, ବୁଲିବା କିମ୍ବା ବ୍ୟାୟାମ ଆଦି କମ୍ କରିଦେବେ । ଏହା ସିଧାସଳଖ ଜୀବନଶୈଳୀ ସହ ସଂଶ୍ଲିଷ୍ଟ ରୋଗର ବିପଦ ବଢ଼ାଇବ । ଭାରତ ଭଳି ବିକାଶଶୀଳ ଓ ଉତ୍ତପ୍ତ ଦେଶରେ ସଂସାଧନ ସୀମିତ । ବିଶେଷଜ୍ଞଙ୍କ କହିବା ଅନୁସାରେ, ଉତ୍ତାପ ବୃଦ୍ଧି ଓ ଆର୍ଦ୍ରତା ଯୋଗୁ ଦିନରେ ବାହାରକୁ ବାହାରିବା ହାରାହାରି ଅସମ୍ଭବ ହେଉଛି । ଏହି ସ୍ଥିତିରେ ଯେଉଁମାନେ ସକାଳେ କିମ୍ବା ସନ୍ଧ୍ୟାରେ ପାର୍କରେ ବୁଲୁଥିଲେ, ଦୌଡୁଥିଲେ, ସାଇକେଲ ଚଲାଉଥିଲେ କିମ୍ବା ଯେକୌଣସି ଶାରୀରିକ କାର୍ଯ୍ୟକଳାପ ପାଇଁ ଘରୁ ବାହାରୁଥିଲେ, ସେମାନଙ୍କ ପାଇଁ ବିକଳ୍ପ କମିବାରେ ଲାଗିଛି । ସେହିପରି ସହରରେ କଂକ୍ରିଟର ବ୍ୟବହାର ବୃଦ୍ଧି ଏବଂ ଜଙ୍ଗଲ-ବୃକ୍ଷଲତା ହ୍ରାସ ସ୍ଥିତିକୁ ଆହୁରି ବଗାଡ଼ିଛି । ଯେଉଁମାନେ ଶାରୀରିକ ରୂପେ ସକ୍ରିୟ ନୁହଁନ୍ତି, ସେମାନଙ୍କୁ ଅଣ-ସଂକ୍ରମିତ ରୋଗର ଆଶଙ୍କା ଅଧିକ । ଅଧ୍ୟୟନ ଚେତାବନୀ ଦେଇଛି, ବ୍ୟାୟାମ ହ୍ରାସରୁ ହୃଦ୍‌ରୋଗ, ଟାଇପ୍-୨ ମଧୁମେହ, କର୍କଟ ଓ ମାନସିକ ସ୍ୱାସ୍ଥ୍ୟ ସହ ଜଡ଼ିତ ସମସ୍ୟା ଦ୍ରୁତ ବଢ଼ିବ । ତଥ୍ୟ ଅନୁସାରେ, ଭାରତରେ ଶାରୀରିକ ଗତିହୀନତା ଯୋଗୁ ପ୍ରତି ୧ ଲକ୍ଷ ଲୋକରେ ୧୦.୬୨ ମୃତ୍ୟୁ ଆଶଙ୍କା କରାଯାଇଛି । ଏହା କେବଳ ସ୍ୱାସ୍ଥ୍ୟ ମାମଲା ନୁହେଁ, ବରଂ ଏହା ଦ୍ୱାରା ଦେଶର ଉତ୍ପାଦକତାରେ ମଧ୍ୟ ଖୁବ୍ ହ୍ରାସ ହେବ, ଫଳରେ ବଡ଼ ଆର୍ଥିକ କ୍ଷତି ହେବ ।





# ଇରାନ-ଆମେରିକା ଲଢ଼େଇ : 'ପିଇବା ପାଣି'କୁ ନେଇ ତ୍ରାହି ତ୍ରାହି ଡାକିବେ ଆରବ ଦେଶ

**ନୂଆଦିଲ୍ଲୀ :** ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ତିକ୍ତତା ଏବେ ମଧ୍ୟପ୍ରାଚ୍ୟର ଅନ୍ୟ ଦେଶମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ବିଶେଷ କରି ଡୋନାଲ୍ଡ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଉପସାଗରୀୟ ଦେଶ ଅର୍ଥାତ୍ ଗଲ୍ଫ ଦେଶଗୁଡ଼ିକର ନିଦ ହଜାଇ ଦେଇଛି । ଟ୍ରମ୍ପ ଯଦି ଇରାନର ପାୱାର ପ୍ଲାଣ୍ଟ ଉପରେ ଆକ୍ରମଣ କରନ୍ତି, ତେବେ ଏହାର ପରିଣାମ କେବଳ ଇରାନ ନୁହେଁ, ବରଂ ସମଗ୍ର ଆରବ ଜଗତ ପାଇଁ ବିପର୍ଯ୍ୟୟ ଆଣିଦେବ ବୋଲି ଆଶଙ୍କା କରାଯାଉଛି । ଟ୍ରମ୍ପ ପୂର୍ବରୁ ସଙ୍କେତ ଦେଇଛନ୍ତି ଯେ ସେ ଇରାନର ଶକ୍ତି କେନ୍ଦ୍ରଗୁଡ଼ିକୁ ଟାର୍ଗେଟ୍ କରିପାରନ୍ତି । ଏଥିମଧ୍ୟରେ ପ୍ରମୁଖ ହେଉଛି ବୁଶେହର ପରମାଣୁ ପ୍ଲାଣ୍ଟ । ଏହା ତେହେରାନଠାରୁ ୭୫୦ କିମି ଦୂରରେ ଏକ ଗୁରୁତ୍ୱପୂର୍ଣ୍ଣ ନୌସେନା ବେସ୍ ନିକଟରେ ଅବସ୍ଥିତ । ଯଦି ଏହି ପ୍ଲାଣ୍ଟ ଉପରେ ହମଲା ହୁଏ, ତେବେ ସେଥିରୁ ବାହାରିବାକୁ ଥିବା ରେଡିଏସନ୍ ସମଗ୍ର ପର୍ସିଆନ ଗଲ୍ଫ ବା ପାରସ୍ୟ ଉପସାଗରର ଜଳକୁ ବିଷାକ୍ତ କରିଦେବ । ସାଉଦି ଆରବ, କତାର, କୁଏତ ଏବଂ ୟୁଏଇ ଭଳି ଦେଶଗୁଡ଼ିକ ଭୂତଳ ଜଳ କିମ୍ବା ନଦୀ ଉପରେ ନୁହେଁ, ବରଂ ସମୁଦ୍ର ଜଳକୁ ମିଠା ପାଣିରେ ପରିଣତ କରୁଥିବା ଡିସାଲିନେସନ୍ ପ୍ଲାଣ୍ଟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । କହିରଖୁଛୁ ଯେ, ସମଗ୍ର ବିଶ୍ୱର ସମୁଦ୍ର ଜଳକୁ ମିଠା କରିବା କ୍ଷମତାର ୬୦% କେବଳ ଆରବ ଦ୍ୱୀପରେ ରହିଛି । ପାରସ୍ୟ ଉପସାଗର କୂଳରେ ଥିବା ପ୍ଲାଣ୍ଟଗୁଡ଼ିକ ବିଶ୍ୱର ୩୦% ପିଇବା ପାଣି ପ୍ରସ୍ତୁତ କରନ୍ତି । ଯଦି ପରମାଣୁ ବିକିରଣ ଯୋଗୁଁ ସମୁଦ୍ର ପାଣି ଦୂଷିତ ହୁଏ, ତେବେ ଏହି ପ୍ଲାଣ୍ଟଗୁଡ଼ିକ ବନ୍ଦ ହୋଇଯିବ ଏବଂ କୋଟି କୋଟି ଲୋକ ପିଇବା ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେବେ । ଖାଲି ପାଣି ନୁହେଁ, ଇରାନର ପାଲଟା ଆକ୍ରମଣରେ ଏହି ଦେଶଗୁଡ଼ିକର ତୈଳ ଏବଂ ଗ୍ୟାସ୍ ଭିତ୍ତିଭୂମି ମଧ୍ୟ ଛାରଖାର ହୋଇଯାଇପାରେ । ଆରବ ଦେଶଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ଆମେରିକା ସହ ସେମାନଙ୍କର ବନ୍ଧୁତା ଏବଂ ବିପୁଳ ପୁଞ୍ଜିନିବେଶ ସତ୍ତ୍ୱେ, ୱାଶିଂଟନ୍ ସେମାନଙ୍କ ସୁରକ୍ଷା ପ୍ରତି ଆଖିଦୃଶିଆ ପଦକ୍ଷେପ ନେଉନାହିଁ । 'ଇରାନ ସ୍ପଷ୍ଟ କରିଛି ଯେ କୌଣସି ଧମକ କାମ ଦେବନାହିଁ । ଯଦି ଆମେରିକା ଶକ୍ତି ପ୍ରୟୋଗ କରେ, ତେବେ ଇରାନର ପାଲଟା ଜବାବ ସମଗ୍ର ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେବ ।'

## ସାଇବର ଥାନାରେ ବଢ଼ୁଛି ମାମଲା

# ଅଦୃଶ୍ୟ ଜଗତରୁ ଠକଙ୍କୁ ଧରିବାକୁ ନାହାଁନ୍ତି ପର୍ଯ୍ୟାପ୍ତ ପୁଲିସ

**ଭୁବନେଶ୍ୱର, ଦୀପିକା ବ୍ୟୁରୋ**

ଭୁବନେଶ୍ୱର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ରାଜ୍ୟରେ ସର୍ବାଧିକ ଠକେଇ ଜନିତ ମାମଲା ରୁଜୁ ହେଉଛି । ୨୦୨୪ରେ ୨୩୦, ୨୦୨୫ରେ ୨୫୧ଟି ମାମଲାର ତଦନ୍ତଭାର ସମ୍ଭାଳିଥିଲା ଭୁବନେଶ୍ୱର ଥାନା । ସାଇବର ଠକଙ୍କ ଜାଲରେ ସବୁଠୁ ଅଧିକ ରାଜଧାନୀବାସୀ ଫସୁଛନ୍ତି । କିନ୍ତୁ ଅଦୃଶ୍ୟ ଜଗତରୁ ଠକଙ୍କୁ ଧରିବାକୁ ଥାନାରେ ପୁଲିସ କର୍ମଚାରୀଙ୍କ ଘୋର ଅଭାବ। ଏହି ଥାନାରେ ୧୨ଜଣ ଇନ୍ସପେକ୍ଟର ରହିବା କଥା । କିନ୍ତୁ ଅଛନ୍ତି ୪ଜଣ । ୫ଜଣ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ପଦବି ମଞ୍ଜୁର ହୋଇଛି । ଜଣଙ୍କୁ ବି ପୋଷ୍ଟିଂ ମିଳିନି । ୨୪ କନଷ୍ଟେବଲ ପଦବି ଥିବାବେଳେ ୧୫ଜଣ କାର୍ଯ୍ୟରତ । କେବଳ ଭୁବନେଶ୍ୱର ନୁହେଁ, ପ୍ରାୟ ୩୪ଟି ସାଇବର ଥାନାରେ ସମଦଶା । କୋଉଠି ବି ପର୍ଯ୍ୟାପ୍ତ ପୁଲିସ ଅଧିକାରୀ ନାହାନ୍ତି ।

ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଦତ୍ତ ଉତ୍ତର ଅନୁସାରେ, ୨୦୨୩ ମସିହାରେ ସାରା ରାଜ୍ୟରେ ୨୩୪୮ଟି ସାଇବର ଅପରାଧଜନିତ ମାମଲା ରୁଜୁ ହୋଇଥିଲା । ୨୦୨୪ରେ ଏହି ସଂଖ୍ୟା ୨୫୦୧ରେ ପହଞ୍ଚିଥିଲା । ଗତବର୍ଷ ସାଇବର ଅପରାଧ ମାମଲା ୨୮୦୩କୁ ଛୁଇଁଛି । ଲଗାତାର ୩ ବର୍ଷ ଧରି ଅଧିକାଂଶ ଥାନାରେ ସାଇବର ମାମଲା ବଢ଼ି ଚାଲିଛି । ଭୁବନେଶ୍ୱର ତଳକୁ ରାଉରକେଲାରେ ଦ୍ୱିତୀୟ ସର୍ବାଧିକ ସାଇବର ଅପରାଧ ଘଟିଛି । ୨୦୨୩ରେ ୧୨୧ଟି, ୨୦୨୪ରେ ୨୨୭ଟି, ୨୦୨୫ରେ ୧୮୦ଟି ମାମଲା ରୁଜୁ ହୋଇଛି । ଏହାବାଦ୍ ମୟୂରଭଞ୍ଜ, ଭଦ୍ରକ, ଯାଜପୁରରେ ୩ ବର୍ଷ ଧରି ସାଇବର ଅପରାଧ ଉପରମୁହାଁ ହୋଇ ଚାଲିଛି । ପ୍ରତିବର୍ଷ ଗଞ୍ଜାମରେ ମାମଲା ସଂଖ୍ୟା ଶହେ ଟପୁଛି । ୩୪ଟି ସାଇବର ଥାନାରେ ମଞ୍ଜୁରୀପ୍ରାପ୍ତ ପଦବି ସଂଖ୍ୟା ତୁଳନାରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ କମ୍ । ଜଣେ ଡିଏସ୍‌ପି ପାହ୍ୟା ଅଧିକାରୀ ସାଇବର ଥାନାର ଦାୟିତ୍ୱ ମୁଣ୍ଡାଇବା କଥା । କିନ୍ତୁ ଏବେ ବି ୯ଟି ଥାନା ମୁଖିଆବିହୀନ।

ଯାଜପୁର, ପୁରୀ, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, କନ୍ଧମାଳ, ଅନୁଗୁଳ, ନୂଆପଡ଼ାରେ ଥିବା ସାଇବର ଥାନାରେ ଡିଏସ୍‌ପିଙ୍କ ଚଉକି ଖାଲି ପଡ଼ିଛି । ୧୨ଟି ଥାନାରେ ଜଣେ ବି ସବ୍‌ଇନ୍ସପେକ୍ଟର ନାହାନ୍ତି । ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, କଟକ (ୟୁପିଡି), ବୌଦ୍ଧ, କନ୍ଧମାଳ, ଅନୁଗୁଳ, ଦେଓଗଡ଼, ଢେଙ୍କାନାଳ ସାଇବର ଥାନାରେ ଏସ୍‌ଆଇ ସଙ୍କଟ ପଡ଼ିଛି । ୯ଟି ଥାନାରେ ଗୋଟିଏ ବି ଏଏସ୍‌ଆଇ ପଦବି ପୂରଣ ହୋଇପାରୁନି । ପ୍ରତି ଥାନା ପାଇଁ ଏସ୍‌ଆଇ (ଯୋଗାଯୋଗ) ଓ ଏଏସ୍‌ଆଇ (ଯୋଗାଯୋଗ) ପଦବି ମଞ୍ଜୁର କରାଯାଉଛି । ସିସିଟିଏନ୍‌ଏସ୍ ଓ ନ୍ୟାସନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲର ତଥ୍ୟକୁ ତନାଘନା କରିବା ସହ ସାଇବର ହେଲ୍ପ ଡେସ୍କ ସମ୍ଭାଳିବା ଏମାନଙ୍କ ଦାୟିତ୍ୱ । କିନ୍ତୁ ବିଭିନ୍ନ ଥାନାରେ ଏସବୁ ଗୁରୁତ୍ୱପୂର୍ଣ୍ଣ ପଦବି ବି ଖାଲି ପଡ଼ିଛି । କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଓ ସୋନପୁର ଥାନାର ଏସ୍‌ଆଇ(ଯୋଗାଯୋଗ) ପଦବି ଶୂନ । ୨୬ଟି ଥାନା ଏମିତି ଅଛି, ଯେଉଁଠି ଜଣେ ବି ଏଏସ୍‌ଆଇ(ଯୋଗାଯୋଗ)ଙ୍କୁ ନିଯୁକ୍ତି ମିଳିନି । ଏମିତିରେ ସାଇବର ଠକଙ୍କ ଚାଲ୍‌କୁ ବୁଝି ସେମାନଙ୍କୁ କାବୁ କରିବା ସାରା ଦେଶର ପୁଲିସ ପାଇଁ କାଠିକର ପାଠ । ତଥାପି ରାଜ୍ୟର ସବୁ ସାଇବର ଥାନାରେ ପର୍ଯ୍ୟାପ୍ତ ଅଧିକାରୀ ନ ରହିବା ଯୋଗୁ ସାଇବର ଠକଙ୍କ ଉତ୍ପାତ ବଢ଼ି ଚାଲିଛି ।



# ଚକ୍ରତୀର୍ଥ ବେଳାଭୂମିରେ ଅଚଳ ଅବସ୍ଥାରେ ପାର୍କ ଓ ଶୌଚାଳୟ

**ପୁରୀ, ଦୀପିକା ବ୍ୟୁରୋ**

ପୁରୀ ସହରରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ସେସବୁ ପ୍ରକଳ୍ପ ପର୍ଯ୍ୟଟକଙ୍କ କାମରେ ଆସୁନି । ଏହାର ବାସ୍ତବ ଉଦାହରଣ ହେଉଛି ୩ କୋଟି ଟଙ୍କା ବ୍ୟୟରେ ପୁରୀ ଚକ୍ରତୀର୍ଥ ବେଳାଭୂମିରେ ତିଆରି ହୋଇଥିଲା ପାର୍କ । ପର୍ଯ୍ୟଟକଙ୍କ ପାଇଁ ପୋଷାକ ପରିବର୍ତ୍ତନ ଗୃହ, ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ପ୍ରମୋଦ ଉଦ୍ୟାନ, ଖୋଲା ଜିମ, ଛୋଟ ପିଲା ଖେଳିବା ପାଇଁ ବିଭିନ୍ନ ଦୋଳି ତିଆରି ହୋଇଥିଲା । ହେଲେ ସେସବୁ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି । ପାର୍କ ନିର୍ମାଣ ହେବାକୁ ଏହା ମଧ୍ୟରେ ଦୀର୍ଘ ୨ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ କରିସାରିଲାଣି । କିନ୍ତୁ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏହା ଆଜି ପର୍ଯ୍ୟନ୍ତ ଖୋଲାଯାଇନାହିଁ । ଫଳରେ ଏହି ପାର୍କ ଏବେ ଆଉ ବ୍ୟବହାର ଉପଯୋଗୀ ହୋଇ ନାହିଁ । ରକ୍ଷଣାବେକ୍ଷଣ ଅଭାବରୁ ପାର୍କରେ ଲାଗିଥିବା ଓପନ ଜିମ ଉପକରଣ, ପିଲାଙ୍କ ପାଇଁ ଲଗାଯାଇଥିଲା ଦୋଳି ନଷ୍ଟ ହୋଇଗଲାଣି । ଶୌଚାଳୟ, ମଟର ପମ୍ପ ଏବେ ବିପର୍ଯ୍ୟସ୍ତ ହୋଇପଡିଛି । ପୋଷାକ ପରିବର୍ତ୍ତନ ଗୃହରେ ତାଲା ପଡ଼ିଥିବାରୁ ସମୁଦ୍ର ସ୍ନାନ ପରେ ମହିଳାମାନେ ପୋଷାକ ପରିବର୍ତ୍ତନ ବେଳେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଚକ୍ରତୀର୍ଥ ବେଳାଭୂମିକୁ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକ ଚନ୍ଦନ ପଟ୍ଟନାୟକ କହିଛନ୍ତି, ‘ଶୌଚାଳୟ ବନ୍ଦ ରହିଛି । ପୋଷାକ ପରିବର୍ତ୍ତନ ଗୃହ ଥିଲେ ମଧ୍ୟ ତାହା ତାଲା ପଡ଼ିଛି । ପାର୍କ ବନ୍ଦ ଥିବାରୁ ଛୋଟ ପିଲାମାନେ ଖେଳି ପାରୁନାହାନ୍ତି । ଓପନ ଜିମ ଉପକରଣ ନଷ୍ଟ ହୋଇ ଯାଇଛି । ସରକାର ପର୍ଯ୍ୟଟକଙ୍କ ସୁବିଧା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଛନ୍ତି । ହେଲେ ଆମେ ଏହାକୁ ବ୍ୟବହାର କରିପାରୁନାହୁଁ । ସରକାରଙ୍କୁ ଅନୁରୋଧ ଚକ୍ରତୀର୍ଥ ବେଳାଭୂମି ପାର୍କକୁ ପର୍ଯ୍ୟଟକ ଉଦ୍ଦେଶ୍ୟରେ ଶୀଘ୍ର ଖୋଲାଯାଉ ।’ ଶୌଚାଳୟ ବନ୍ଦ ଥିବାରୁ ଲୋକମାନେ ଖୋଲାରେ ଶୌଚ ହେଉଛନ୍ତି । ଏହା ଦ୍ୱାରା ବେଳାଭୂମି ପ୍ରଦୂଷିତ ହେଉଛି । ବିଶେଷ କରି ଶୌଚାଳୟ ସମସ୍ୟା ଯୋଗୁଁ ମହିଳା ପର୍ଯ୍ୟଟକମାନେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ପାର୍କରେ ଲାଇଟ୍‌ଗୁଡ଼ିକ ନଷ୍ଟ ହୋଇଯାଇଛି । ଫଳରେ ସନ୍ଧ୍ୟା ହେଲେ ଅସାମାଜିକ ଯୁବକମାନେ ପାର୍କ ଭିତରେ ନିଶା ସେବନ କରୁଥିବା ବେଳେ ଚକ୍ରତୀର୍ଥ ବେଳାଭୂମିକୁ ଯାଉଥିବା ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର କରିବା ସହ ଚୋରି କରୁଥିବା ଅଭିଯୋଗ ହୋଇଛି । ନିୟମିତ ପୋଲିସ ପାଟ୍ରୋଲିଂ ହେଉନାହିଁ । ଚକ୍ରତୀର୍ଥ ବେଳାଭୂମି ପର୍ଯ୍ୟଟକଙ୍କ ପାଇଁ ସମ୍ପୂର୍ଣ୍ଣ ଅସୁରକ୍ଷିତ ଓ ବିପର୍ଯ୍ୟସ୍ତ ହୋଇପଡିଛି । ଯଥାଶୀଘ୍ର ପର୍ଯ୍ୟଟକ ସୁବିଧା ପାଇଁ ହୋଇଥିଲା ପାର୍କ, ପୋଷାକ ପରିବର୍ତ୍ତନ ଗୃହ, ଶୌଚାଳୟ ଖୋଲିବାକୁ ପର୍ଯ୍ୟଟକ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି । ପୁରୀ ପେଣ୍ଠକଟା ବାସିନ୍ଦା ବିସ୍ମୟ ମିଶ୍ର କହିଛନ୍ତି, ‘ପୁରୀ ଚକ୍ରତୀର୍ଥ ବେଳାଭୂମି ଏକ ପବିତ୍ର ସ୍ଥାନ । ଦୁଃଖର ବିଷୟ ଏଠାରେ ନିର୍ମାଣ ହୋଇଥିବା ପାର୍କ ଓ ଯାତ୍ରୀ ସୁବିଧା କେନ୍ଦ୍ର ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ । ଏଥି ପାଇଁ ପୁରୀ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ । ସରକାର ମହିଳାଙ୍କ ସମ୍ମାନ କଥା କହୁଥିବା ବେଳେ ଏଠାରେ ମହିଳାଙ୍କ ପାଇଁ ନିର୍ମାଣ ହୋଇଥିବା ପୋଷାକ ପରିବର୍ତ୍ତନ ଗୃହ, ଶୌଚାଳୟ ବନ୍ଦ ରହିଛି । ମହିଳାମାନେ ଏଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିମାନେ ପାର୍କ୍‌ରେ ଆଡା ଜମାଇ ନିଶା ସେବନ କରି ମହିଳାଙ୍କୁ ଦୁର୍ବ୍ୟବାରରେ ସହ ଚୋରି ମଧ୍ୟ କରୁଛନ୍ତି । କୋଟି କୋଟି ଟଙ୍କା ଲୋକଙ୍କ ଟିକସ ଅର୍ଥରେ ପ୍ରକଳ୍ପ କରାଯାଇଥିଲେ ମଧ୍ୟ ଏହା ଲୋକଙ୍କ କାର୍ଯ୍ୟରେ ଆସୁନାହିଁ । ଯାହାକି ଅତି ଦୁଃଖଦାୟକ ଘଟଣା ।’ ୨୦୨୧ ମସିହାର ଚକ୍ରତୀର୍ଥ ବେଳାଭୂମି ପାର୍କ ନିର୍ମାଣ ଆରମ୍ଭ ହୋଇ ୨୦୨୩ରେ ଏହି ଶେଷ ହୋଇଥିଲା । ପୂର୍ବ ବିଜେଡି ସରକାର ସମୟରେ ଏହି ଚକ୍ରତୀର୍ଥ ବେଳାଭୂମି ପାର୍କ ଓ ପର୍ଯ୍ୟଟକ ସୁବିଧା ପାଇଁ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ କରାଯାଇଥିବା ବେଳେ ନୂଆ ସରକାର ଏହି ପ୍ରକଳ୍ପକୁ କାହିଁକି ଲୋକଙ୍କ ଉଦ୍ଦେଶ୍ୟରେ ଉଦଘାଟନ କରୁନାହାନ୍ତି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି । ତୁରନ୍ତ ସରକାର ଚକ୍ରତୀର୍ଥ ବେଳାଭୂମି ପାର୍କକୁ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବାକୁ ପର୍ଯ୍ୟଟକ ଓ ବୁଦ୍ଧିଜୀବୀ କହିଛନ୍ତି । ପୁରୀକୁ ଅଧିକ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପୁରୀ ବେଳାଭୂମିରେ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ରକ୍ଷଣାବେକ୍ଷଣ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

ପୁରୀରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ପାଇଁ କାର୍ଯ୍ୟ କରୁଥିବା ଇଣ୍ଡିଆ ଜାପାନ ଫ୍ରେଣ୍ଡସିପ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କହିଛନ୍ତି, ‘ଚକ୍ରତୀର୍ଥ ବେଳାଭୂମିରେ ହୋଇଥିବା ପାର୍କ, ପୋଷାକ ପରିବର୍ତ୍ତନ ଗୃହ, ଶୌଚାଳୟ, ପିଲାଙ୍କ ଖେଳ ଉପକରଣ, ଜିମ ଉପକରଣ ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ । ଲୋକଙ୍କ ପାଇଁ ଏହା ଖୋଲାଯାଉ ନଥିବାରୁ ସବୁକିଛି ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି । ପୁରୀ ବେଳାଭୂମି ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ହେଉଛି । ହେଲେ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ସବୁ ପ୍ରକଳ୍ପ ନଷ୍ଟ ହେଇଯାଉଛି । ଉଭୟ ସରକାର ଓ ପୁରୀ ଜିଲ୍ଲା ପ୍ରଶାସନକୁ ଅନୁରୋଧ, ଚକ୍ରତୀର୍ଥ ବେଳାଭୂମି ପାର୍କକୁ ପୁନରୁଦ୍ଧାର କରାଯାଇ ପର୍ଯ୍ୟଟକଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଖୋଲାଯାଉ ।’ ପୁରୀ ବନଖଣ୍ଡ ଅଧିକାରୀ ମଗର ଧନାଜି ରାୟଶୋ କହିଛନ୍ତି, ‘ଚକ୍ରତୀର୍ଥ ବେଳାଭୂମି ପାର୍କ ଲୋକମାନେ ବ୍ୟବହାର କରୁଛନ୍ତି । ପୋଷାକ ପରିବର୍ତ୍ତନ ଗୃହ, ଶୌଚାଳୟକୁ ପର୍ଯ୍ୟଟକମାନଙ୍କ ବ୍ୟବହାର ପାଇଁ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ । ଯାହା ସମସ୍ୟା ରହିଛି ତାହା ଦୂର କରାଯିବ ।’

# ୮ ବର୍ଷ ପରେ ପରଦାକୁ କମବ୍ୟାକ୍ କରୁଛନ୍ତି ଅନୁଷ୍କା

**ନୂଆଦିଲ୍ଲୀ :**

ଅଲ୍ଲୁ ଅର୍ଜୁନ ତାଙ୍କ ଆଗାମୀ ଫିଲ୍ମକୁ ନେଇ ଏବେ ଚର୍ଚ୍ଚାରେ । କିନ୍ତୁ ପରେ ଏହାର ନାମ ପରିବର୍ତ୍ତନ କରାଯିବ । ଏହା ଏକ ସାଇନ୍ସ ଫିକ୍ସନ ଫିଲ୍ମ । ଆଟଲି ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି । ଦୀପିକା ପାଦୁକୋନ ଏହି ଫିଲ୍ମରେ ମୁଖ୍ୟ ଅଭିନେତ୍ରୀ ଭାବରେ ଅଭିନୟ କରିବେ । ଏବେ କୁହାଯାଉଛି ଏଥିରେ ଆଉ ଜଣେ ବଲିଉଡ୍‌ର ଶ୍ରେଷ୍ଠ ଅଭିନେତ୍ରୀଙ୍କୁ କାଷ୍ଟ କରାଯାଇଛି ।

ରିପୋର୍ଟ ଅନୁସାରେ, ଅନୁଷ୍କା ଶର୍ମାଙ୍କୁ ଏହି ଫିଲ୍ମରେ କାଷ୍ଟ କରାଯାଇଛି । ଯଦି ଏହି ଖବର ସତ୍ୟ ହୁଏ, ତେବେ ଏହା ତାଙ୍କର ତେଲୁଗୁ ଡେବ୍ୟୁ ହେବ । ତଥାପି, ଏହାର କୌଣସି ଅଫିସିଆଲି ଆନାଉନ୍ସମେଣ୍ଟ କରାଯାଇ ନାହିଁ । ଅନୁଷ୍କା ଶର୍ମା ଶେଷ ଥର ପାଇଁ ଶାହରୁଖ ଖାନଙ୍କ ଫିଲ୍ମ 'ଜିରୋ'ରେ ନଜର ଆସିଥିଲେ । ଏହି ଫିଲ୍ମରେ ସେ ଏବଂ କ୍ୟାଟ୍ରିନା କୈଫ୍ ନଜର ଆସିଥିଲେ ।

ତେବେ ଅନୁଷ୍କା ଜଣେ ପ୍ରଯୋଜକ ଭାବରେ କାମ କରୁଥିବା ପରଠାରୁ ତାଙ୍କ ଅଭିନୟ ପ୍ରୋଜେକ୍ଟ ବିଷୟରେ କୌଣସି ଖବର ଆସିନାହିଁ । ୨୦୨୨ ମସିହାରେ, ଏପରି ଖବର ଆସିଥିଲା ଯେ ସେ ଭାରତୀୟ ମହିଳା କ୍ରିକେଟର ଝୁଲଣ ଗୋସ୍ୱାମୀଙ୍କ ଉପରେ ଏକ ବାୟୋପିକ୍ 'ଚକଦା ଚକ୍ସପ୍ରେସ'ରେ ନଜର ଆସିବେ । ତଥାପି, ଗତ କିଛି ଦିନ ଧରି ଫିଲ୍ମଟି ବନ୍ଦ ହେବାର ଖବର ପ୍ରସାରିତ ହେଉଛି ।



ମୁମ୍ବାଇରେ ଆରମ୍ଭ ହୋଇଥିବା ଲାକ୍ମି ଫ୍ୟାଶନ୍ ୱିକ୍‌ରେ, ସିଦ୍ଧାର୍ଥ, ଅନନ୍ୟା ପାଣ୍ଡେ, ତମନ୍ନା ଭାଟିଆ ଏବଂ ଦିଶା ପଟାନୀଙ୍କ ପରି ଷ୍ଟାରମାନେ ରାମ୍ପରେ ଜଲୱା ଦେଖାଇଛନ୍ତି । ପ୍ରମୁଖ ଡିଜାଇନରମାନଙ୍କ ଦ୍ୱାରା ଡ୍ରେସ୍ ପିନ୍ଧି ରାମ୍ପରେ ଚାଲିଥିଲେ ।

# ଚେଞ୍ଜମେକର୍ସ ସୂଚୀରେ ଆଲିଆ-ପ୍ରିୟଙ୍କା

ସମାଜ ଓ ପରିବେଶ ପ୍ରତି ସ୍ୱତନ୍ତ୍ର ତଥା ଉଲ୍ଲେଖନୀୟ ଅବଦାନ ପାଇଁ ନ୍ୟାସ୍‌ନାଲ୍ ଜିଓଗ୍ରାଫିକ୍ ୨୦୨୬ ଚେଞ୍ଜମେକର୍ସ ତାଲିକାରେ ଭାରତୀୟ ଅଭିନେତ୍ରୀ ଆଲିଆ ଭଟ୍ଟ ଓ ପ୍ରିୟଙ୍କା ଚୋପ୍ରା ଜୋନାସ୍‌ଙ୍କୁ ସାମିଲ କରାଯାଇଛି । ନ୍ୟାସ୍‌ନାଲ୍ ଜିଓଗ୍ରାଫିକ୍ ପକ୍ଷରୁ ବିଶ୍ୱସ୍ତରରେ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉଥିବା ଏବଂ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ଦିଆଯାଇଥାଏ । ଏହି ତାଲିକାରେ ବିଭିନ୍ନ କ୍ଷେତ୍ରରେ ୩୩ ଜଣ ସକାରାତ୍ମକ ପରିବର୍ତ୍ତନକାରୀଙ୍କୁ ସାମିଲ କରାଯାଇଥିଲା ।

ଆଲିଆ ଭଟ୍ଟ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନତା ପାଇଁ କାମକରି ବହୁତ ପ୍ରଶଂସା ପାଇଛନ୍ତି । ସେ ନିଜ ପ୍ଲାଟ୍‌ଫର୍ମକୁ ବ୍ୟବହାର କରି ଯୁବପିଢ଼ିଙ୍କୁ ପରିବେଶ ସମସ୍ୟା ବିଷୟରେ ସଚେତନ କରୁଛନ୍ତି । ତାଙ୍କର ପ୍ରଯୋଜନା ସଂସ୍ଥା 'ଇଟରନାଲ୍ ସନ୍‌ସାଇନ୍ କମ୍ପାନି' ହାତୀ ଶିକାର ଉପରେ ଏକ ସିରିଜ୍ ନିର୍ମାଣ କରିଛି । ଏହା ମାଧ୍ୟମରେ ଲୋକମାନେ ପରିବେଶ ଓ ବନ୍ୟଜନ୍ତୁଙ୍କ ପାଇଁ କିପରି ଯତ୍ନଶୀଳ ହେବେ ସେ ସମ୍ପର୍କରେ ଅବଗତ କରାଯାଇଛି । ଶିଶୁମାନଙ୍କ ପାଇଁ ଆଲିଆ ଲେଖିଥିବା ପୁସ୍ତକ 'ଏଡ୍ ଫାଇଣ୍ଡ୍‌ସ ଏ ହୋମ୍'ରେ ପୋଷ୍ୟ ପଶୁ



ଓ ପଶୁପ୍ରେମର କଥା ରହିଛି । ଏଥିସହିତ ତାଙ୍କର ଫ୍ୟାସନ୍ ପ୍ରୟାସ 'ମି ୱାର୍ଡରୋବ୍ ଇଜ୍ ସୁ ୱାର୍ଡରୋବ୍' ପୁରୁଣା ପୋଷାକ ଦାନକୁ ପ୍ରୋତ୍ସାହନ ଦେଇ ଅପଚୟ କମେଇବାରେ ସାହାଯ୍ୟ କରୁଛି ।

ପ୍ରିୟଙ୍କା ଚୋପ୍ରା ଜୋନାସ୍ ବିଶେଷକରି ମଧୁମେହ ରୋଗୀମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଲଭ କରିବା ଦିଗରେ କାମ କରୁଛନ୍ତି । ନିକ୍ ଜୋନାସ୍‌ଙ୍କ ସହ ବିବାହ ପରେ ସେ ଏହି କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇଛନ୍ତି, କାରଣ ନିକ୍ ଛୋଟବେଳୁ ଟାଇପ୍-୧ ଡାଇବେଟିସ୍‌ରେ ପୀଡ଼ିତ ଥିଲେ । ଏଥିପାଇଁ ସେ ଡାଇବେଟିସ୍ ସମ୍ବନ୍ଧୀୟ ସଚେତନତା ବୃଦ୍ଧି କରିବା ସହିତ ଏହାର ସମୟୋପଯୋଗୀ ଚିହ୍ନଟ ଓ ଚିକିତ୍ସା ପାଇଁ ଲୋକମାନଙ୍କୁ ସଚେତନ କରୁଛନ୍ତି । ଆଲିଆ ଏବଂ ପ୍ରିୟଙ୍କାଙ୍କ ସହିତ, ତାଲିକାରେ ହାରିସନ୍ ଫୋର୍ଡ, ଇଦ୍ରିସ୍ ଏଲ୍‌ବା, ରସେଲ୍ ୱେଷ୍ଟବ୍ରୁକ୍ ଏବଂ ଇୱାନ୍ ମ୍ୟାକଗ୍ରେଗରଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱ ମଧ୍ୟ ଅଛନ୍ତି । ସେମାନେ ନିଜ ନିଜ କ୍ଷେତ୍ରରେ ସାମାଜିକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।

# ଅନନ୍ୟାଙ୍କ ନୂଆ କେଶବିନ୍ୟାସ

ନିକଟରେ ନୂଆ ରୂପରେ ଦେଖାଦେଇଛନ୍ତି ଅଭିନେତ୍ରୀ ଅନନ୍ୟା ପାଣ୍ଡେ । ତାଙ୍କ ରୂପ ପରିବର୍ତ୍ତନର ମୁଖ୍ୟ ଅଂଶ ହେଉଛି ନୂଆ କେଶବିନ୍ୟାସ । ଅନନ୍ୟାଙ୍କ ଏହି ଚର୍ଚ୍ଚିତ କେଶବିନ୍ୟାସର ନାମ 'ବ୍ୟାଙ୍ଗ୍‌ସ' । ଏହା ଦେଖି ଲୋକେ କହିଲେଣି ହଲିଉଡ୍ ଅଭିନେତ୍ରୀ ଡାକୋଟା ଜନ୍‌ସନ୍‌ଙ୍କ ପରି ଦିଶିବା ପାଇଁ ସେ ତାଙ୍କ କେଶ ଷ୍ଟାଇଲ୍‌କୁ ନକଲ କରିଛନ୍ତି । ସେ ଯାହା ହେଉ, ଅନନ୍ୟା କିନ୍ତୁ ଏ ନେଇ ଖୁବ୍ ଉତ୍ସାହିତ । ସେଥିପାଇଁ ସେ ଇନ୍‌ଷ୍ଟାଗ୍ରାମ୍‌ରେ କେଶ କାଟିବା ସମୟର ଫଟୋରୁ ଆରମ୍ଭ କରି ଗୋଟିଏ ଦିନରେ ଦୁଇଥର ଅଲଗା ଅଲଗା ପୋଷାକରେ ନିଜର ଫଟୋ ଛାଡ଼ିଛନ୍ତି । ପୁଣି ବ୍ୟାଙ୍ଗ୍‌ସ ହେଆରଷ୍ଟାଇଲ୍ ଆପଣାଇବା ପରେ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଅଧିକ ସକ୍ରିୟ ହୋଇଉଠିଛନ୍ତି କି ବୋଲି ନିଜେ ପ୍ରଶଂସକମାନଙ୍କୁ ପଚାରିବାରୁ ତାଙ୍କ ମା' ଉତ୍ତରରେ 'ହଁ' ବୋଲି ଲେଖିଛନ୍ତି । ମୁମ୍ବାଇରେ ଆୟୋଜିତ ଲାକ୍‌ମେ ଫ୍ୟାସନ୍ ବିକ୍‌ର ରାମ୍ପ୍‌ରେ ମଧ୍ୟ ସେ ଡିଜାଇନର ରାହୁଲ ମିଶ୍ରାଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପିନ୍ଧି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ । ଅନନ୍ୟା ଶେଷ ଥର କାର୍ତ୍ତିକ ଆର୍ଯ୍ୟନଙ୍କ ସହିତ 'ତୁ ମେରି ମେଁ ତେରା, ମେଁ ତେରା ତୁ ମେରି' ଚଳଚ୍ଚିତ୍ରରେ ଦେଖାଦେଇଥିଲେ । ଆଗକୁ ତାଙ୍କ ଅଭିନୀତ 'ଚାନ୍ଦ ମେରା ଦିଲ' ଚଳଚ୍ଚିତ୍ର ଓ 'କଲ୍ ମି ବେ ୨' ୱେବ୍ ଧାରାବାହିକ ଆସିବାର ଅଛି ।



# ଭାରି ସୌକିନ୍ ବଲିଉଡ କୁଇନ୍ କଙ୍ଗନା ରାଣାୱତ

ଫିଲ୍ମ 'ଗ୍ୟାଙ୍ଗଷ୍ଟର'ରୁ ନିଜ କ୍ୟାରିଅର ଆରମ୍ଭ କରିଥିବା କଙ୍ଗନା ରାଣାୱତ ଏବେ ବଲିଉଡର କ୍ୱିନ୍ । ତାଙ୍କ ଗଣତି ବଲିଉଡ୍ ର ଶ୍ରେଷ୍ଠ ଅଭିନେତ୍ରୀମାନଙ୍କ ମଧ୍ୟରେ ହୁଏ । ହିମାଚଳ ପ୍ରଦେଶ ମଣ୍ଡିରୁ ବଲିଉଡ୍ ସୁପରଷ୍ଟାର ହେବାର ଯାତ୍ରା ନଥିଲା ସହଜ । କିନ୍ତୁ ହାର୍ ମାନିବା ବି ସେ ଶିଖି ନାହାନ୍ତି । ସେଥିପାଇଁ ତ ସେ ଏବେ କୁଇନ୍ । ଅଭିନୟ ଦକ୍ଷତା ବ୍ୟତୀତ, କଙ୍ଗନା ତାଙ୍କର ସ୍ପଷ୍ଟବାଦୀ ଆଚରଣ ଏବଂ ସାହସ ପାଇଁ ମଧ୍ୟ ବେଶ୍ ଜଣାଶୁଣା । ଫିଲ୍ମ ଜଗତରେ ନିଜ ଉପସ୍ଥିତି ମଜଭୁଦ୍ କରିବା ପରେ, ଅଭିନେତ୍ରୀ ରାଜନୀତି ଜଗତରେ ମଧ୍ୟ ନିଜର ଦବଦବା ଜାହିର୍ କରିଛନ୍ତି । ବର୍ତ୍ତମାନ, କଙ୍ଗନା ମଣ୍ଡି ନିର୍ବାଚନମଣ୍ଡଳୀର ପ୍ରତିନିଧିତ୍ୱ କରୁଥିବା ବିଜେପି ସାଂସଦ ଭାବରେ କାର୍ଯ୍ୟ କରୁଛନ୍ତି । ଅଭିନେତ୍ରୀ ତାଙ୍କର ୪୦ତମ ଜନ୍ମଦିନ ପାଳନ କରିଛନ୍ତି । ନିର୍ବାଚନୀ ଶପଥ ପତ୍ର ଅନୁଯାୟୀ, କଙ୍ଗନା ରାଣାୱତଙ୍କ ମୋଟ୍ ସମ୍ପତ୍ତି ୯୦ କୋଟି । ଅଭିନେତ୍ରୀଙ୍କ ପାଖରେ ୨୮,୭୩,୪୪,୨୩୯ମୂଲ୍ୟର ସ୍ଥାବର ସମ୍ପତ୍ତି ଅଛି, ଯେତେବେଳେ ତାଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୬୨,୯୨,୮୭,୦୦୦ ।


*Printed, Published & owned by* Jayasish Roy and Printed at Printers Craft, Plot No-B/41, Sahid Nagar, Bhubaneswar-751007
& Published at 464, Sahid Nagar, Bhubaneswar- 751007

ମୁଖ୍ୟ ସମ୍ପାଦିକା : **ଶ୍ରୀମତୀ ସୁପ୍ରଭା ରାୟ**

ପରିଚାଳନା ସମ୍ପାଦକ : **ମଳୟ ଶଙ୍କର ରାୟ**

Editor : **Jayasish Roy**

ସମ୍ପାଦକ : **ଜୟାଶୀଷ ରାୟ**